୬

ନୂଆ ବିଶ୍ୱ ରେକର୍ଡ କଲେ ବୈଭବ ସୂର୍ଯ୍ୟବଂଶୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କାଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ଇ୬ ୦୦.୬ : ୫୬୍ଟ ୮୫୦

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୯୪ ● ୨୫ ନଭେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-294 ● 25th November 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ଐତିହାସିକ ବାଲିଯାତ୍ରା ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ

ସାଧବପୁଅଙ୍କ ସାହସିକତାରୁ ଆଜିର ପିଢ଼ି ଶିଖିବା ଉଚିତ

କଟକ, ୨୪।୧୧ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଗୌରବମୟ ଐତିହ୍ୟ, ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ସାଧବପୁଅଙ୍କ ସାହସିକ ସାମୁଦ୍ରିକ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିଛି ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରା। ଭାରତର ମାନନୀୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଐତିହାସିକ ବାଲିଯାତ୍ରା-୨୦୨୬ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ସମୃଦ୍ଧ ଅତୀତକୁ ସ୍ମରଣ କରିବା ସହ ଆଗାମୀ ଦିନରେ ଏକ ବିକଶିତ ଓ ଶିଳ୍ପସମୃଦ୍ଧ ଓଡ଼ିଶା ଗଠନର ଆଶା ପ୍ରକାଶ କରିଛନ୍ତି।



ମହାନଦୀର ବକ୍ଷରେ ସୁସଜ୍ଜିତ ସ୍ୱତନ୍ତ୍ର ନୌକା 'କଳିଙ୍ଗ ତରଙ୍ଗିଣୀ'ରେ ଯାତ୍ରା କରି ବାଲିଯାତ୍ରା ପଡ଼ିଆରେ ପହଞ୍ଚିଥିଲେ ରାଷ୍ଟ୍ରପତି। ତାଙ୍କ ସହ ରାଜ୍ୟପାଳ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ଗଡ଼ଗଡ଼ିଆ ଘାଟଠାରେ ପୁଣ୍ୟତୋୟା ମହାନଦୀର ଆଳତୀ, ପୂଜା ଓ କୀର୍ତ୍ତନ ସହ ବୋଇତ ବନ୍ଦାଣର ପାରମ୍ପରିକ ଆୟୋଜନ ହୋଇଥିଲା। ଏହି ଅବସରରେ ରାଷ୍ଟ୍ରପତି ବୋଇତ ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଜଣାଇଥିଲେ।

ସନ୍ଧ୍ୟାରେ ତଳ ବାଲିଯାତ୍ରା ପଡ଼ିଆସ୍ଥିତ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ବାଲିଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ସେ ଗାଡ଼ିରେ ବୁଲି ବାଲିଯାତ୍ରା ପଡ଼ିଆର ବିଭିନ୍ନ ଆକର୍ଷଣୀୟ ଆୟୋଜନ ଓ ଓରମାସର ଷ୍ଟଲ ପରିଦର୍ଶନ କରିଥିଲେ।

ନିଜ ଅଭିଭାଷଣରେ ରାଷ୍ଟ୍ରପତି କହିଥିଲେ ଯେ, ଓଡ଼ିଶାର ପ୍ରାଚୀନ *(ପୃଷ୍ଠା ୭ରେ)*

ପିପିଏ ପକ୍ଷରୁ ବୋଇତ ବନ୍ଦାଣ ଓ ବନ୍ଦର ଦିବସ ପାଳିତ

ଦେଶର ଅଗ୍ରଣୀ ଔଦ୍ୟୋଗିକ ହବ୍ ପାଲଟିବ ପାରାଦୀପ

ଭୁବନେଶ୍ୱର, ୨୪।୧୧
ନ୍ୟୁଜ୍ ବ୍ୟୁରୋ



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ଐତିହାସିକ 'ବୋଇତ ବନ୍ଦାଣ ଉତ୍ସବ' ତଥା ପାରାଦୀପ ବନ୍ଦର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ପାରାଦୀପ ବନ୍ଦର ପରିସରରେ ଆୟୋଜିତ ସମାରୋହରେ ଯୋଗଦେଇ ଓଡ଼ିଶାର ଗୌରବମୟ ନୌ-ବାଣିଜ୍ୟ ପରମ୍ପରା, ସାମ୍ପ୍ରତିକ ଶିଳ୍ପ ଅଭିବୃଦ୍ଧି ଏବଂ ଭବିଷ୍ୟତର ସାମୁଦ୍ରିକ ଭିତ୍ତିଭୂମି ବିକାଶ ଉପରେ ବିସ୍ତୃତ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି।

ପ୍ରାଚୀନ କଳିଙ୍ଗର ସାଧବପୁଅମାନେ ଦକ୍ଷିଣ-ପୂର୍ବ ଏସିଆର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ବ୍ରହ୍ମଦେଶ, ଶ୍ୟାମଦେଶ, ଭିଏତନାମ, କାମ୍ବୋଡିଆ ଓ ସିଂହଳ ସହ ସ୍ଥାପନ କରିଥିବା ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସ୍ମରଣ କରିବା ସହିତ ଆଧୁନିକ ଯୁଗରେ 'ସମୃଦ୍ଧ ଓଡ଼ିଶା ୨୦୩୬' ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକୁ ଏହି ଅବସରରେ ଉଲ୍ଲେଖ କରିଥିଲେ।

ଏହା ସହିତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଇଣ୍ଡୋନେସିଆର ବାଲି ଦ୍ୱୀପରେ ଓଡ଼ିଶା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଆଲୋଚନା କରି ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ସଂସ୍କୃତିର ଏହି ଭବ୍ୟ ପ୍ରସାରକୁ ସ୍ୱାଗତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆପଣଙ୍କ ସରକାର ଆପଣଙ୍କୁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ପ୍ରତିଶ୍ରୁତି ଦେଇଛି ଏବଂ ଏହା ନିଶ୍ଚିତ ଭାବରେ ହେବ। ମେଗା ପୋର୍ଟ ମାନ୍ୟତା ପାଇବାରେ ପାରାଦୀପ ହେଉଛି ଭାରତର ପୂର୍ବ ଉପକୂଳର ଏକମାତ୍ର ପ୍ରମୁଖ ବନ୍ଦର। ଏହା ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ଏବଂ ଅଧିକାରୀ, କର୍ମଚାରୀ, ଡକ୍ ଶ୍ରମିକ ଓ ସହଯୋଗୀମାନଙ୍କ ବର୍ଷ ବର୍ଷର ପରିଶ୍ରମର ଫଳ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଐତିହାସିକ ପୃଷ୍ଠଭୂମି ଓ ବୋଇତ ବନ୍ଦାଣର ବ୍ୟାପକ ପ୍ରାସଙ୍ଗିକତା କାର୍ତ୍ତିକ ପୂର୍ଣ୍ଣିମାରେ ପାଳିତ 'ଆ କା ମା ବୈ' ପରମ୍ପରା ଏବଂ ପାରାଦୀପର ସାମୁଦ୍ରିକ ଇତିହାସକୁ ଉଲ୍ଲେଖ କରି ବକ୍ତବ୍ୟରେ କୁହାଯାଇଛି ଯେ ଆଷାଢ଼, କାର୍ତ୍ତିକ, ମାର୍ଗଶିର ଓ ବୈଶାଖ ମାସକୁ ପବିତ୍ର ମନେ କରାଯାଉଥିବା ବେଳେ କାର୍ତ୍ତିକ ମାସରୁ ସ୍ଥଳଭାଗରୁ ସମୁଦ୍ରକୁ ଅନୁକୂଳ ବାୟୁ ପ୍ରବାହିତ ହେଉଥିବାରୁ ପ୍ରାଚୀନ କାଳରେ ପାଲ-ଟଣା ଡଙ୍ଗା ମାଧ୍ୟମରେ ସମୁଦ୍ର ଯାତ୍ରା ସହଜ ହେଉଥିଲା। ସାଧବପୁଅମାନେ କେବଳ ବାଣିଜ୍ୟିକ ସାମଗ୍ରୀ ନୁହେଁ, *(ପୃଷ୍ଠା ୭ରେ)*

ସଡ଼କ ଦୁର୍ଘଟଣାରେ ମୃତକଙ୍କ ପାଇଁ ସହାୟତା ଘୋଷଣା

ଭୁବନେଶ୍ୱର, ୨୪।୧୧
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା, ଚିକିଟି ତହସିଲର ପ୍ରକାଶ ଚନ୍ଦ୍ର ପାଢ଼ୀ (ପିତା - ମୁରଲୀ ପାଢ଼ୀ)ଙ୍କର ସଡ଼କ ଦୁର୍ଘଟଣାରେ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୮୦ (+୧୨୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୧୫ (+୧୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯୫୮୫ (+୯୪)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୫ (+୦)

ଏକାଳ ପଖାଳ



ଛାଡଖାଇର ଅର୍ଥ ନବୁଝି
ଆଇଁଷ ବଜାରେ ଭିଡ
ପୁଣ୍ୟ ଫଳକୁ ଚୁଲିରେ ପୁରେଇ
ରୁଣ୍ଡ ଖାଇବାକୁ ମଜ
ମାରକାଟ ମୁଣ୍ଡ ମୋଡ
କକ...ମେଁ ମେଁ...ଛଟପଟ ଶବ୍ଦେ
ଆନନ୍ଦିତ ଶ୍ରେଷ୍ଠ ମୁଜ।

ଭାରତୀୟ ବାୟୁସେନାରେ ସାମିଲ ହେବ ନୂଆ 'ବାହୁବଳୀ'



ନୂଆଦିଲ୍ଲୀ, ୨୪।୧୧

ଆକାଶରେ ଆହୁରି ବଢ଼ିବ ଭାରତୀୟ ବାୟୁସେନାର ଶକ୍ତି। ଖୁବଶୀଘ୍ର ବାୟୁସେନାରେ ସାମିଲ ହେବ ଭାରତରେ ନିର୍ମିତ ପ୍ରଥମ ସି-୨୯୫ ପରିବହନ ବିମାନ। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଭାରତୀୟ ବାୟୁସେନାକୁ ଏହି ବିମାନ ମିଳିପାରେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହା ଭାରତର ଘରୋଇ ଶିଳ୍ପସଂସ୍ଥା ଦ୍ୱାରା *(ପୃଷ୍ଠା ୭ରେ)*

ୟୁଏଇ ରାଜପଥରେ ଦୁର୍ଘଟଣା : ଭାରତୀୟଙ୍କ ସମେତ ୧୩ ମୃତ


ନୂଆଦିଲ୍ଲୀ, ୨୪।୧୧

ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ)ର ରାସ୍ ଅଲ୍ ଖେମାରେ ଏକ ଯାତ୍ରୀବାହୀ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଭାରତୀୟଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣାରେ କେତେ ଭାରତୀୟଙ୍କର ମୃତ୍ୟୁ ହୋଇଛି ଓ କେତେ ଜଣ ଆହତ ହୋଇଛନ୍ତି ତାହା ଜଣାପଡ଼ିନି। ଦୁବାଇସ୍ଥିତ ଭାରତୀୟ ଦୂତାବାସ ଏହି ସୂଚନା ଦେଇଛି। ମୃତକଙ୍କ ପରିଚୟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ। ଭାରତୀୟ ଦୂତାବାସ କହିଛି ଯେ ମୃତକଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇଛି। ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖାଯାଇଛି। ଦୂତାବାସ ପକ୍ଷରୁ *(ପୃଷ୍ଠା ୭ରେ)*


ଆଇଡିବିଆଇ ବ୍ୟାଙ୍କ ରାଷ୍ଟ୍ରାୟତ୍ତ ସଂସ୍ଥା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୪।୧୧

ଆଇଡିବିଆଇ ବ୍ୟାଙ୍କ ଅଧିକାରୀ ସଂଘକୁ ବଡ଼ ଧରଣର ଧକ୍କା ଲାଗିଛି। ସମ୍ବିଧାନର ଧାରା ୧୨ ଅଧୀନରେ ଆଇଡିବିଆଇ ବ୍ୟାଙ୍କ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କିନ୍ତୁ ସରକାର ସ୍ପଷ୍ଟ କରିଛନ୍ତି ଯେ ବ୍ୟାଙ୍କର କର୍ମଚାରୀ ଓ ପେନ୍ସନଭୋଗୀମାନଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯିବ। ଗତ ସପ୍ତାହରେ ଜଷ୍ଟିସ ଜେ ବି ପାଦ୍ରିୱାଲା ଓ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୨ରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ବିରୋଧ କରି କରାଯାଇଥିବା ଆବେଦନକୁ ଖାରଜ କରିଥିଲେ। ଆଇଡିବିଆଇ ବ୍ୟାଙ୍କ ସହ ମିଶ୍ରଣ ହୋଇଥିବା ୟୁନାଇଟେଡ୍ ୱେଷ୍ଟର୍ଣ୍ଣ ବ୍ୟାଙ୍କର କର୍ମଚାରୀମାନଙ୍କ ଲାଗି ଅବସରକାଳୀନ ଓ ଭବିଷ୍ୟନିଧି ପାଣ୍ଠିର *(ପୃଷ୍ଠା ୭ରେ)*



୨୦୨୬ରେ ବିଶ୍ୱ ତାପମାତ୍ରା ଓ ପାଣିପାଗ ଉପରେ ପଡ଼ିପାରେ ପ୍ରଭାବ



ନୂଆଦିଲ୍ଲୀ, ୨୪।୧୧

ପ୍ରଶାନ୍ତ ମହାସାଗରରେ ଏଲନିନୋ ପ୍ରଭାବ ଦିନକୁ ଦିନ ଅଧିକ ତୀବ୍ର ହେଉଛି। ଏହାର ପ୍ରଭାବରେ ଗାଲାପାଗୋସ୍ ଦ୍ୱୀପ ଓ ପେରୁ ଉପକୂଳ ନିକଟ ସମୁଦ୍ର ଜଳର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୧୦ ଡିଗ୍ରୀ ସେଲ୍ସିୟସ୍ ଅଧିକ ରହିଥିବା ଏକ ପାଣିପାଗ ମାନଚିତ୍ରରୁ ଜଣାପଡ଼ିଛି। ଏହି ଅସ୍ୱାଭାବିକ ଉତ୍ତାପକୁ ନେଇ ବୈଜ୍ଞାନିକ ଓ ପାଣିପାଗ ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରିଛନ୍ତି। ଚଳିତ ଏଲନିନୋ ଘଟଣା ଅତୀତର ଶକ୍ତିଶାଳୀ ଘଟଣାଗୁଡ଼ିକର ରେକର୍ଡ ଭାଙ୍ଗିପାରେ ବୋଲି ଆଶଙ୍କା କରାଯାଉଛି।

ଆମେରିକୀୟ ପାଣିପାଗ ବିଶେଷଜ୍ଞ ରାୟନ୍ ମାଉଏ ନଭେମ୍ବର ୨୨ରେ ସାମାଜିକ ଗଣମାଧ୍ୟମରେ ଏକ ମାନଚିତ୍ର ସେୟାର କରି ଏହାକୁ 'ମେଗା ଏଲନିନୋ' ବୋଲି କହିଛନ୍ତି। ୟୁରୋପୀୟ ମଧ୍ୟମ ଅବଧି ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ତଥ୍ୟ ଆଧାରରେ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୫ ନଭେମ୍ବର ୨୦୨୬ ବୁଧବାର



ବ୍ଲକ ଛକରେ ଯାତ୍ରୀ ବିଶ୍ରାମାଗାର ନଥିବାରୁ ଯାତ୍ରୀ ହଟହଟା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ସହରର ବ୍ଲକ ଛକ ଠାରେ ରାଜ୍ୟ ରାଜପଥ ସଂପ୍ରସାରଣ ଯୋଗୁଁ ଏକ ଯାତ୍ରୀ ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା । ଦୀର୍ଘ ବର୍ଷ ପରେ ମଧ୍ୟ ଯାଇ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାନଯାଇଥିବାରୁ ଖରାଦିନେ ତାତି ସହ୍ୟ କରିସାରିବା ପରେ ବର୍ଷା ମାସ ଆସିଲେ ଅସହନୀୟ ବର୍ଷା ସମ୍ମୁଖୀନ ହେବାସହ ଶହ ଶହ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖ ହେବାକୁ ପଡୁଛି । ପ୍ରତେହ୍ୟ ଏହି ଛକରେ ଦିନ ହେଉକି ରାତି, ଶହ ଶହ ସମାଗମ ହୋଇଥାଏ । ବିଶେଷ କରି ଦୂରଦୁରାନ୍ତରକୁ ଯିବା ନିମନ୍ତେ ବସ୍‌କୁ ଅପେକ୍ଷା କରି ଯାତ୍ରୀମାନେ ବଲାଙ୍ଗୀର, ସମ୍ବଲପୁର, ବରଗଡ ଏହି ସ୍ଥାନକୁ ଯିବାକୁ ଅପେକ୍ଷା କରିଥାନ୍ତି । ଦୋକାନ ବରଣ୍ଡା ହିଁ ଆଶ୍ରୟସ୍ଥଳୀ ଭାବେ ଯାତ୍ରୀ ବାଛି ନେଇଥାଏ । ଏହି ଛକ ଦେଇ ଦୈନିକ ଶହ ଶହ ବସ୍ ଯିବା ଆସିବା କରିଥାଏ । ବିଶେଷ କରି କଲେଜ ପଢୁଥିବା ଛାତ୍ର ଛାତ୍ରୀମାନେ ବସ୍‌କୁ ଅପେକ୍ଷା କରିଥାନ୍ତି । ପ୍ରତିଦିନ ଯାତାୟାତ ଘରୋଇ ଓ ସରକାରୀ ବସ୍ ଯାତାୟାତ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ବାରଣ୍ଡ ପ୍ରତ୍ୟେକ ଦିନ ମହାବିଦ୍ୟାଳୟକୁ ଯାଉଥିବା ଅପେକ୍ଷା କରି ରାସ୍ତାପାର୍ଶ୍ୱରେ ଛିଡା ହୋଇଥାନ୍ତି । ଏହି ଛକ ଦେଇ ସରକାରୀ ଓ ବେସରକାରୀ ବ୍ୟାଙ୍କ ଗୁଡିକ ରହିଥିବା ବେଳେ ତହସିଲ, ଡାକ୍ତଖାନା, ଥାନା, କୋର୍ଟ କଚେରୀ, ବ୍ଲକ ଏବଂ ପୋଷ୍ଟ ଅଫିସ୍‌କୁ ଗାଁ ଗହଳିରୁ ବୃଦ୍ଧ, ବୃଦ୍ଧା, ମହିଳା, ଦିବ୍ୟାଙ୍ଗ ଓ ଛୋଟ ଛୋଟ ପିଲାମାନେ ଆସିଥାନ୍ତି । ଏମାନେ ମଧ୍ୟ ଯାତ୍ରୀ ବିଶ୍ରାମାଗାର ନଥିବାରୁ ରାସ୍ତା କଡରେ ଦୀର୍ଘ ସମୟ ଛିଡା ହୋଇଥାନ୍ତି । ଲୋକମାନଙ୍କର ଏହି ସମସ୍ୟା ଗୁଡିକ ପ୍ରତି ନିଜର ଦୃଷ୍ଟି ଆକର୍ଷଣ କରି ପୂର୍ତ୍ତ ବିଭାଗ ଓ ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯାତ୍ରୀ ବିଶ୍ରାମଗାର ତୁରନ୍ତ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।



ବିଜ୍ଞାନ ମେଳା: ୨୯ ପ୍ରକଳ୍ପ ପ୍ରଦର୍ଶିତ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଅନ୍ତର୍ଗତ ସ୍ଥାନୀୟ ଖପ୍ରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇସପାଲ ସୁନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ବିମଳ ରଞ୍ଜନ ସାହୁ, ଚୟନ ପ୍ରକ୍ରିୟା ବିଚାରକ ଭାବରେ ନବିନ୍ଦ୍ର ରଣା ଓ ସୁଶାନ୍ତ ଦାଶ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଛାତ୍ରଛାତ୍ରୀ ମାନେ ଆଣିଥିବା ବିଭିନ୍ନ ବୈଜ୍ଞାନିକ ଜ୍ଞାନ କୌଶଳ ଗୁଡିକ ବୁଲି ଦେଖିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ୨୯ ଗୋଟି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ କରିଥିବା ବେଳେ ତନ୍ମଧ୍ୟରୁ ୭ ଗୋଟି ପ୍ରକଳ୍ପ ବ୍ଲକ୍ ସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଛି । ଏହି ପ୍ରକଳ୍ପ ଚୟନ ପ୍ରକିୟାରେ ନବିନ୍ଦ୍ର ରଣା ଓ ତେଲେନପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଶାନ୍ତ ଦାଶ ସମସ୍ତ ବୈଜ୍ଞାନିକ ପ୍ରକଳ୍ପ ଗୁଡିକ ବୁଲି ଛାତ୍ରଛାତ୍ରୀ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହ କରିଥିଲେ । ଶେଷରେ ବୈଜ୍ଞାନିକ ପ୍ରକଳ୍ପ ଗୁଡିକ ପ୍ରଦର୍ଶନୀ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଦିଆଯାଇଥିଲା । ଏହି ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳାରେ ଖପ୍ରାଖୋଲ ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ତଥା କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ସଚେତନତା ଓ ପ୍ରଶିକ୍ଷଣ ବୈଠକ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହ ଠାରେ ମାନବ ଚାଲାଣ ରୋକିବା ନିମନ୍ତେ ଜିଲ୍ଲାସ୍ତରୀୟ ସଚେତନତା ଓ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଏବଂ ମହିଳା ସଶକ୍ତିକରଣ ଜିଲ୍ଲା ହବ୍ ପକ୍ଷରୁ ଆୟୋଜିତ ଏହି ବୈଠକରେ ମାନବ ଚାଲାଣର ନିରାକରଣ, ମହିଳା ଓ ଶିଶୁଙ୍କ ସୁରକ୍ଷା, ବିପଦସଙ୍କୁଳ ବର୍ଗଙ୍କ ଚିହ୍ନଟ, ଉଦ୍ଧାର, ଥଇଥାନ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମାନବ ଚାଲାଣମୁକ୍ତ ଓ ସୁରକ୍ଷିତ ସମାଜ ଗଠନ ପାଇଁ ସାମୂହିକ ଶପଥ ପାଠ ସହିତ ସମସ୍ତଙ୍କ ମିଳିତ ଉଦ୍ୟମ ଓ ଜନସଚେତନତା ଅତ୍ୟନ୍ତ ଜରୁରୀ ବୋଲି ଆହ୍ୱାନ ଦିଆଯାଇଥିଲା ।



ଉର୍ଦ୍ଦୁ ପାଠାଗାରରେ ସଭାସମିତି ନହେବାକୁ ପୌର ପ୍ରଶାସନର ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳରେ ଥିବା ଉର୍ଦ୍ଦୁ ପାଠାଗାରରେ କୌଣସି ସଭାସମିତି ହୋଇପାରିବନି ବୋଲି ପୌର କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ରାପଡା କୋର୍ଟ ପାଖରେ ଥିବା ପୌରସଂସ୍ଥା ଦ୍ୱାରା ପରିଚାଳିତ ଉର୍ଦ୍ଦୁ ପାଠାଗାରରେ ଗତ କିଛି ଦିନ ହେଲା ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଥିଲା । ଏ ନେଇ ଛାତ୍ର/ଛାତ୍ରୀମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ । ଏଥିସହିତ ପରିଚାଳନା କମିଟିର ସଦସ୍ୟମାନେ ନିଜର ବ୍ୟକ୍ତିଗତ କାମରେ ଏହି ପାଠାଗାରକୁ ବ୍ୟବହାର କରୁଥିବାରୁ ବାରମ୍ବାର ଅଭିଯୋଗ ହେବାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୌର ସଂସ୍ଥା ତରଫରୁ ଚିଠି ନମ୍ବର-୬୧୬୮ରେ ଉର୍ଦ୍ଦୁ ପାଠାଗାରରେ ନୋଟିସ୍ ଲଗାଯାଇଛି । ପାଠାଗାରଟି ଛାତ୍ରଛାତ୍ରୀଙ୍କ ପାଠପଢା ସମୟରେ ଠିକ୍ ସମୟରେ ଖୋଲାଯାଇ ଠିକ୍ ସମୟରେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । କେବଳ ପାଠପଢା ବ୍ୟତୀତ କୌଣସି ସାମାଜିକ କାର୍ଯ୍ୟକ୍ରମ ସେଠାରେ ହୋଇପାରିବନାହିଁ ।

ପୂର୍ବତନ ବିଜେଡ଼ି ସରକାରଙ୍କ କାର୍ଯ୍ୟରୁ ଶ୍ରେୟ ନେବା ଉଦ୍ୟମକୁ ନିନ୍ଦା



ସାଲେପୁର, ନ୍ୟୁଜ୍

କଟକ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ବିଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡ଼ି ସରକାର ସମୟରେ କରାଯାଇଥିବା ବୃହତ, ମଧ୍ୟମ ଓ କ୍ଷୁଦ୍ର ପ୍ରକଳ୍ପ ଗୁଡିକର ଶ୍ରେୟ ବର୍ତମାନର ବିଜେପି ବିଧାୟକ ନେବାପାଇଁ ପ୍ରୟାସ କରିବାକୁ ବିଜୁ ଜନତା ଦଳ ପକ୍ଷରୁ ଦୃଢ ବିରୋଧ ଓ ନିନ୍ଦା କରାଯାଇଛି । କଟକ ସଦର ନିର୍ବାଚନ ମଣ୍ଡଳୀର କଳମିଶ୍ରି ପଞ୍ଚାୟତ ଦାମୋଦରପୁର ସ୍ଥିତ ପଞ୍ଚାୟତ କଳାପରିଷଦ ସମ୍ମିଳନୀ କକ୍ଷରେ କଟକ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଟକ ସଦରର ପ୍ରାକ୍ତନମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରାଙ୍କ ପ୍ରଚେଷ୍ଟାରେ ମହାନଦୀରେ ହୋଇଥିବା ସାହୁ କ୍ଷେତ ସିର୍ଲୋ ସେତୁ, ଚିତ୍ରୋପୁଲାରେ ଜନାର୍ଦ୍ଦନପୁର କୁଳିଆ ସେତୁ, ବ୍ରାହ୍ମଣଖଣ୍ଡ ସାହୁକ୍ଷେତ ସେତୁ, ମହାପୁରୁଷ ଅଚ୍ୟୁତାନନ୍ଦ ପାଠରେ ଉନ୍ନତି କରଣ, ଚିତ୍ରୋପୁଲା ନଦୀବନ୍ଧ ଉନ୍ନତି କରଣ, ନୂଆ ବଜାର ତାରପୁର ରାସ୍ତା ଉନ୍ନତିକରଣ ଆଦି ପ୍ରକଳ୍ପ କାର୍ଯ୍ୟ ଅଦ୍ୟାବଧି ଚାଲୁ ରହିଛି । ବିଜେପି ସରକାରରେ କଟକ ସଦର ନିର୍ବାଚନ ମଣ୍ଡଳୀର ବର୍ତମାନର ବିଧାୟକ କୌଣସି ନୂତନ ପ୍ରକଳ୍ପ ସ୍ଥାପନ ନକରି ନିଜ ନାମରେ ଡିଣ୍ଡିମ ପିଟିବା ତାଙ୍କ ପାଇଁ ଲଜ୍ଜା ଜନକ ଘଟଣା ବୋଲି ସାମ୍ବାଦିକ ସମ୍ମିଳନୀରେ କଟକ ସଦରର ବରିଷ୍ଠ ବିଜେଡ଼ି ନେତାମାନେ ପ୍ରକାଶ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ବିଳାସ ଚନ୍ଦ୍ର ଭୋଇ, ବିଜେଡ଼ି ନେତା ଅଚ୍ୟୁତାନନ୍ଦ ଦାସ, ବିଭୁତି ଭୂଷଣ ମହାନ୍ତି, ଶରତ କୁମାର ରାୟ ପ୍ରମୁଖ ବହୁ ନେତା ବକ୍ତବ୍ୟ ରଖିଥିଲେ ।

ବୌଦ୍ଧ ଜିଲ୍ଲାରେ ୪୨,୩୧୨ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ରବିବାର ସକାଳ ୮ଟା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସଘନ ପଲ୍ସ ପୋଲିଓ ଟିକାକରଣ ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ନିଜ ଶିଶୁ ପୁତ୍ରକୁ ପ୍ରଥମେ ଦୁଇବୁନ୍ଦା ପୋଲିଓ ଟିକା ପ୍ରଦାନକରି ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ ସହଧର୍ମିଣୀ ଡାକ୍ତର ପୌଲିନ ପ୍ରଧାନ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ବାଉଁଶୁଣୀ ସିଏଚ୍‌ସି ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ ଡାକ୍ତରମାନେ ଉପସ୍ଥିତ ଥିଲେ । ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାର ୫ ବର୍ଷରୁ କମ୍ ବୟସର ମୋଟ୍ ୪୨,୩୧୨ ଜଣ ଶିଶୁଙ୍କୁ ପୋଲିଓ ରୋଗରୁ ସୁରକ୍ଷା ଦେବା ପାଇଁ ଦୁଇ ବୁନ୍ଦା ମୁଖ୍ୟ ପୋଲିଓ ଟିକା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଜିଲ୍ଲାରେ ୨୧୨ଟି ପୋଲିଓ ବୁଥ୍ ସ୍ଥାପନ କରାଯାଇଥିବା ବେଳେ ୮୪୮ ଜଣ ଟିକାକରଣ କର୍ମୀଙ୍କୁ ନିୟୋଜିତ କରାଯାଇଛି । ଏହାସହ ୯ଟି ମୋବାଇଲ୍ ଟିମ୍ ଓ ୨୦ଟି ଟ୍ରାଞ୍ଜିଟ୍ ଟିମ୍ ମଧ୍ୟ ନିୟୋଜିତ ହୋଇଛନ୍ତି । ଅଭିଯାନର ସୁଚ୍ଚାରୁ ପରିଚାଳନା ପାଇଁ ମୋଟ୍ ୫୦ ହଜାର ଡୋଜ୍ ପୋଲିଓ ଟିକା ମହଜୁଦ ରଖାଯାଇଛି । ପୋଲିଓ ଭଳି ଭୟାବହ ରୋଗରୁ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ଏବଂ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଶିଶୁଙ୍କୁ ଟିକାକରଣର ପରିସରଭୁକ୍ତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ଜିଲ୍ଲାପାଳ ନୂତନ ଡାକ୍ତରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରି ପରିବେଶ ସ୍ୱଚ୍ଛ ରଖିବା ସହିତ ରୋଗୀ ମାନଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦେବାପାଇଁ ସମସ୍ତ ଡାକ୍ତର ଓ କର୍ମଚାରୀମାନଙ୍କୁ ଆହ୍ୱାନ୍ ଦେଇଥିଲେ ।



ଗୁରୁ ତେଗବାହାଦୁରଙ୍କ ବଳିଦାନ ପ୍ରେରଣାର ଉତ୍ସ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ମହାନ ଧର୍ମରକ୍ଷକ, ତ୍ୟାଗ ଓ ବଳିଦାନର ପ୍ରତୀକ, ଶିଖମାନଙ୍କର ନବମ ଗୁରୁ ଶ୍ରୀ ଗୁରୁ ତେଗବାହାଦୁର ଜୀଙ୍କ ୩୫୦ତମ ଶହୀଦ ଦିବସ ଅବସରରେ ନୂଆଦିଲ୍ଲୀ, ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବୌଦ୍ଧ ଜିଲ୍ଲାର ଲକ୍ଷ୍ମୀପଦର, ଓଲଣ୍ଡା, ଯୋଗୀଭୋଗରା ଓ ବଲାସିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଶିକ୍ଷାମୂଳକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଗୁରୁ ତେଗବାହାଦୁର ଜୀଙ୍କ ମହାନ ଜୀବନୀ, ତାଙ୍କର ତ୍ୟାଗ, ସାହସ, ମାନବିକତା ଓ ଧାର୍ମିକ ସ୍ୱାଧୀନତାର ସୁରକ୍ଷା ପାଇଁ ଦେଇଥିବା ବଳିଦାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ଅନ୍ୟ ଧର୍ମର ଲୋକଙ୍କ ଧାର୍ମିକ ସ୍ୱାଧୀନତା ଓ ମାନବିକ ଅଧିକାରର ସୁରକ୍ଷା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଏହି ମହାନ ବଳିଦାନ ସମଗ୍ର ମାନବ ସମାଜ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇରହିବ ବୋଲି ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୁରୁ ତେଗବାହାଦୁର ଜୀଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ଲିଖନ, ବକ୍ତୃତା, ବିତର୍କ ଓ ପ୍ରଦର୍ଶନୀ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଉକ୍ତ ଚାରୋଟି ବିଦ୍ୟାଳୟର ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହ ଓ ଆଗ୍ରହର ସହିତ ଅଂଶଗ୍ରହଣ କରିଥିଲେ । କଲ୍‌ଚରାଲ୍ ଆ୍ୟାସାଡର ଜ୍ଞାନଚାନ୍ଦ ଶତପଥୀଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା ।

ବିଶିଷ୍ଟ କଂଗ୍ରେସ ନେତାଙ୍କ ଦେହାନ୍ତ, ଉମରକୋଟରେ ଶୋକର ଛାୟା



ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଉମରକୋଟ ସହରର ଜଣେ ସୁପରିଚିତ ତଥା ଜନପ୍ରିୟ ବ୍ୟକ୍ତିତ୍ୱ ଏବଂ ବ୍ଲକ୍ କଂଗ୍ରେସ କୃଷକ ସେଲ୍ ସଭାପତି ଭୁବନେଶ୍ୱର ମାଝୀଙ୍କ ରବିବାର ଭୋର୍ ୪ଟା ସମୟରେ ପରଲୋକ ହୋଇଯାଇଛି । ଉମରକୋଟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ସେ ଉମରକୋଟ ପୌରପରିଷଦର ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମାଝୀଙ୍କ ଜ୍ୟେଷ୍ଠ ସୁପୁତ୍ର ଥିଲେ । ଚାଷୀଙ୍କ ହକ୍ ପାଇଁ ଥିଲେ ସମର୍ପିତ ସ୍ୱର୍ଗତ ଭୁବନେଶ୍ୱର ମାଝୀ ଜଣେ ସରଳ, ଅମାୟିକ ଓ ମିଷ୍ଟଭାଷୀ ବରିଷ୍ଠ ରାଜନେତା ଭାବେ ସମଗ୍ର ଉମରକୋଟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ନିଜ ପିତାଙ୍କ ଆଦର୍ଶକୁ ଅନୁସରଣ କରି ସେ ଦୀର୍ଘବର୍ଷ ଧରି କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ସହ ବିଶେଷକରି ଅଞ୍ଚଳର ଚାଷୀ ଓ କୃଷକମାନଙ୍କ ହକ୍ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରିଆସୁଥିଲେ । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ତାଙ୍କର ସକ୍ରିୟ ଅବଦାନ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ । ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଉମରକୋଟ କଂଗ୍ରେସ ମହଲ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହା ଉମରକୋଟର ରାଜନୈତିକ ଓ ସାମାଜିକ କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି । ଖବରପାଇ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, କଂଗ୍ରେସ ନେତା ସନରାଜ ଗଣ୍ଡ, ଶିବରାମ ରାଜୁ, ମଞ୍ଜୁଳା ମାଝୀ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଚୁନିଲାଲ ସତନାମୀ, ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ଅମୂଲ୍ୟ ପଟ୍ଟନାୟକ, ଶଙ୍କର ଦେ, ସାଇ ନାରାୟଣ ପାଢ଼ୀ, ଏସ୍. ବିଜୟ ଏବଂ ପର୍ଶୁରାମ ନାୟକ ପ୍ରମୁଖ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହାସହ ବହୁ ଦଳୀୟ କର୍ମୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଡାକ୍ତରଖାନା ଓ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ବିଜ୍ଞାନ ମେଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଚିନ୍ତାଧାରା ପ୍ରକାଶ ପାଏ



**ବୌଦ୍ଧ, ନ୍ୟୁ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୫ ନଭେମ୍ବର ୨୦୨୬ ବୁଧବାର



ପତ୍ନୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ ଓ ଜରିମାନା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜୟୁମେରାଇନ୍ ଥାନା ଅନ୍ତର୍ଗତରେ ହୋଇଥିବା ଏକ ପତ୍ନୀ ହତ୍ୟାକାଣ୍ଡର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାର ଆସାମୀକୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲା ଜୟୁମେରାଇନ୍ ଥାନା ଅନ୍ତର୍ଗତ କୃଷ୍ଣଦେବନାଥଙ୍କ ଝିଆରୀ ରେଣୁବାଳା ଦେବନାଥ ପଶ୍ଚିମ ବଙ୍ଗର ଜଣେ ଯୁବକଙ୍କୁ ଭଲପାଇ ବିବାହ କରିଥିଲେ। ଖୋକନ ତାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲା। ୨୮.୦୭.୨୦୧୬ ତାରିଖ ବିଳମ୍ବିତ ରାତିରେ ଆସାମୀ ଖୋକନ ଦେବନାଥ ପତ୍ନୀ ରେଣୁବାଳା ଦେବନାଥଙ୍କୁ ଏକ ସାମାନ୍ୟ ଘରୋଇ କଳିରୁ ତାଙ୍କ ବେକରେ ଗାମୁଛା ଗୁଡାଇ ହତ୍ୟା କରିଥିଲା। ଘଟଣା ଜାଣିବା ପରେ ତାଙ୍କ ଦାଦା କୃଷ୍ଣଚନ୍ଦ୍ର ଦେବନାଥ ଏ ନେଇ ଜୟୁମେରାଇନ୍ ଥାନାରେ ଏତଲା ଦେବା ପରେ ଥାନା ଅଧିକାରୀ ୦୩/୨୦୧୬ରେ ଏକ ମାମଲା ରୁଜୁ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏସ୍.ଟି କେଶ୍ ନମ୍ବର-୨୯୭/୨୨ରେ ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାର ସମସ୍ତ ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲାପରେ ଆସାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଏହି ମାମଲାକୁ ପିପି ସୌଭାଗ୍ୟବତୀ ଆଳୟମଣୀ ପଟ୍ଟନାୟକ ପରିଚାଳନା କରିଥିଲେ।

କୋଟି କୋଟି ଟଙ୍କାର ପ୍ରକଳ୍ପ କେବଳ ଫଳକରେ ସୀମିତ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ବିକାଶର ବଡ଼ ବଡ଼ ଡିଣ୍ଡିମ ପିଟୁଥିବା ଡବଲ୍ ଇଞ୍ଜିନ ସରକାରଙ୍କ ଅସଲ ଚେହେରା ଏବେ ଧାମନଗରରେ ପଦାରେ ପଡ଼ିଛି। ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସି ଏକତା ପଦଯାତ୍ରାରେ ସାମିଲ୍ ହେବା ସହ ୧୦୧ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଠିକ୍ ବର୍ଷେ ପୂରିଛି। ହେଲେ ବର୍ଷକ ଭିତରେ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ୨୦ ପ୍ରତିଶତ ମଧ୍ୟ ଆଗେଇପାରିନାହିଁ। କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ କେବଳ ଫଳକରେ ହିଁ ସୀମିତ ହୋଇ ରହିଯାଇଛି। ସରକାରୀ କଳର ଅପାରଗତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ କୋଟି କୋଟି ଟଙ୍କାର ପ୍ରକଳ୍ପ ଏବେ ଅଧପନ୍ତରିଆ ହୋଇ ପଡ଼ିରହିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ



ପ୍ରକାଶ ପାଇଛି। ଐତିହାସିକ ପୀଠ ଗୋହିରାଟିକିରିର ବିକାଶ ନାଁରେ ସରକାର କିଭଳି ଭେଳିକି ଦେଖାଉଛନ୍ତି, ତାହା ଏବେ ସ୍ପଷ୍ଟ ବାରି ହୋଇପଡୁଛି। ଗତବର୍ଷ ନଭେମ୍ବର ୨୨ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏଠାରେ ୫ କୋଟି ଟଙ୍କା ବ୍ୟୟରେ 'ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ' ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ୫ କୋଟି ଟଙ୍କାର ଏହି ପ୍ରକଳ୍ପ ପାଇଁ ନୂଆ କୋଠାଘର ନିର୍ମାଣ ହେବା ବଦଳରେ ବିଗତ ସରକାରଙ୍କ ଅମଳରେ ନିର୍ମିତ ହୋଇଥିବା କଲ୍ୟାଣ ମଣ୍ଡପକୁ ନବୀକରଣ କରି ସେଠାରେ ଲାଇବ୍ରେରୀ ଓ ଆର୍ଟ ଗ୍ୟାଲେରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ଷକ ଭିତରେ ଏହାର ଚାରିପଟେ କେବଳ ବାଉଣ୍ଡରୀ ୱାଲ୍ ନିର୍ମାଣ ଆରମ୍ଭ ହୋଇଥିଲେ ହେଁ ତାହା ମଧ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ସେହିପରି ପର୍ଯ୍ୟଟନ ବିଭାଗ ପକ୍ଷରୁ ୨ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟରେ ଗୋହିରାଟିକିରି ନିକଟସ୍ଥ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ବର୍ଷେ ପରେ ସେଠାରେ କୌଣସି ଆଖିଦୃଶିଆ କାମ ଦେଖିବାକୁ ମିଳୁନାହିଁ। ପୋଖରୀ ଖନନ କିମ୍ବା ସୌନ୍ଦର୍ଯୀକରଣ କାମ ଆଦୌ ହୋଇନଥିବା ବେଳେ କେବଳ ପୋଖରୀ ଚାରିପାଖରେ ବନ୍ଧ ପାର୍ଶ୍ୱ ଆଡ଼ି ସ୍ତରରେ ଏକ ସିମେଣ୍ଟ କଂକ୍ରିଟ୍ ୱାଲ୍ ନିର୍ମାଣ କରାଯାଇଛି। କେବଳ କେନ୍ଦ୍ରମନ୍ତ୍ରୀଙ୍କ ଶିଳାନ୍ୟାସ ନୁହେଁ, ଗତବର୍ଷ ଜୁନ୍ ୨ ତାରିଖରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋହିରାଟିକିରି ଠାରେ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ 'ମୁକୁନ୍ଦଦେବ ସ୍ମାରକୀ ପ୍ରତିମୂର୍ତ୍ତି ଓ ସୁବିଧା କେନ୍ଦ୍ର'ର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପକୁ ଦେଢ଼ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଇଟା ଖଣ୍ଡେ ବି ପଡ଼ିପାରିନାହିଁ। ଗତବର୍ଷ ନଭେମ୍ବର ୨୨ରେ ଶିଳାନ୍ୟାସ ହୋଇଥିବା ଧାମନଗର ମହାବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ବର୍ଷକ ଭିତରେ କେବଳ ତିନି-ଚାରିଟି କୋଠାର ଢାଞ୍ଚା ଛିଡ଼ା ହୋଇଥିବା ବେଳେ ବାଉଣ୍ଡରୀ ୱାଲ୍ କାମ ଏବେବି ନିର୍ମାଣାଧୀନ ଅବସ୍ଥାରେ ପଡ଼ିରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏତେ ବଡ଼ ବଡ଼ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏନେଇ ଧାମନଗର ବ୍ଲକ୍ ପ୍ରଶାସନ ପାଖରେ କୌଣସି ସୂଚନା ନାହିଁ। ଉଚ୍ଚଶିକ୍ଷା, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଅଧୀନରେ ଏହି କାମ ଚାଲୁଥିବାରୁ ସ୍ଥାନୀୟ ପ୍ରଶାସନକୁ ଅନ୍ଧାରରେ ରଖାଯାଇଛି। ମଝିରେ ଦୁଇଥର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଅଧିକାରୀଙ୍କ ସମେତ ଭଦ୍ରକ ଉପଜିଲ୍ଲାପାଳ ଘଟଣାସ୍ଥଳ ପରିଦର୍ଶନ କରି ତଦାରଖ କରିଥିଲେ ହେଁ କାମର କୌଣସି ଅଗ୍ରଗତି ଘଟିନାହିଁ। ଏକତା ପଦଯାତ୍ରା ଓ ଶିଳାନ୍ୟାସ ସମାରୋହରେ ଯେଉଁଭଳି ଭାବେ ଜନସାଧାରଣଙ୍କୁ ବିକାଶର ସ୍ୱପ୍ନ ଦେଖାଯାଇଥିଲା, ବର୍ଷକ ପରେ ତାହା ପ୍ରତାରଣାରେ ପରିଣତ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ନହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ତୀବ୍ର ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚେତାବନୀ ଦିଆଯାଇଛି।

ମୁଖ୍ୟ ରାସ୍ତା ମଝିରେ ଘର:ଉଚ୍ଛେଦ ପାଇଁ କମିଶନରଙ୍କୁ ଦାବିପତ୍ର

କଟକ, ନ୍ୟୁଜ୍ ବ୍ୟୁରୋ

ନୂଆବଜାର-ତିନିଘରିଆ ମୁଖ୍ୟ ରାସ୍ତା ମଝିରେ ରହିଥିବା ଏକ ବେଆଇନ୍ ଘରକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ଉକ୍ତ ଘର ଯୋଗୁଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦିନ ଓ ରାତିରେ ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହାଦ୍ୱାରା ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ରାସ୍ତା ମଝିରେ ଥିବା ଏହି ଘରର ଏକ ଅଂଶକୁ ଭଡ଼ା ସୂତ୍ରରେ ଦିଆଯାଇ ଅର୍ଥ ଆଦାୟ କରାଯାଉଥିବା ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାର ତୁରନ୍ତ ଉଚ୍ଛେଦ ଦାବିରେ 'ରାଧାମାଧବ ସେବା ସମିତି' ଓ ତିନିଘରିଆ ଗ୍ରାମବାସୀଙ୍କ ପକ୍ଷରୁ କଟକ ମହାନଗର ନିଗମ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସମିତିର ସମ୍ପାଦକ ରବୀନ୍ଦ୍ର ବେହେରା ଓ ସାମାଜିକ କର୍ମୀ ସୁକାନ୍ତ ସେଠାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଆୟୁକ୍ତ ବରେନ୍ଦୁ ମହାନ୍ତିଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଏଥିରେ ଉକ୍ତ ଘରର ସ୍ଥିତି ଯାଞ୍ଚ କରି ତୁରନ୍ତ ଉଚ୍ଛେଦ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ, ତିନିଘରିଆ ଠାରେ ୨୦୨୧ ମସିହାରେ ନିର୍ମିତ ଡମ୍ପିଂ ୱାର୍ଡକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ କଟକ ମହାନଗର ନିଗମର ୫୧, ୫୨ ଓ ୫୩ ନମ୍ବର ୱାର୍ଡରୁ ସଂଗୃହୀତ ଅଳିଆ, ଆବର୍ଜନା ଓ ପଚାସଡ଼ା ସାମଗ୍ରୀ ଗଦା ହୋଇ ରହୁଥିବାରୁ ଏହାର ଦୁର୍ଗନ୍ଧରେ ନିକଟବର୍ତ୍ତୀ ଗ୍ରାମବାସୀ ଅତିଷ୍ଠ ହୋଇପଡୁଛନ୍ତି। ଏହି ସମସ୍ୟାର ମଧ୍ୟ ତୁରନ୍ତ ଅନୁସନ୍ଧାନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଉଭୟ ସମସ୍ୟାକୁ ଗୁରୁତ୍ୱର ସହ ବିଚାରକରି ସାତଦିନ ମଧ୍ୟରେ ସମାଧାନ କରିବାକୁ ଦାବିକାରୀମାନେ କର୍ତ୍ତୃପକ୍ଷଙ୍କୁ ମହଲତ ଦେଇଛନ୍ତି। ନଚେତ୍ ରାସ୍ତାରୋକ୍ ସମେତ ଜନଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ପ୍ରଣୟ କୁମାର ଖୁଣ୍ଟିଆ, ଅଟଳ କିଶୋର ଜେନା, ଆଲୋକ ବସ୍ତିଆ, ବାବୁଲି ବସ୍ତିଆ, କାଳିଆ ସ୍ୱାଇଁ, ଜିନୁ ଖୁଣ୍ଟିଆ, ସନ୍ତୋଷ କୁମାର ଜେନା, ବ୍ରଜ କିଶୋର ସାହୁ ଓ ଶୋଭନ୍ତ ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସୋନପୁରରେ ବଢୁଛି ମଶାଙ୍କ ଉପଦ୍ରବ:ସହରବାସୀ ଅତିଷ୍ଠ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପୌରାଞ୍ଚଳରେ ମଶାଙ୍କ ବଂଶ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଏମାନଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୌର କର୍ତ୍ତୃପକ୍ଷ ପରିମଳ ବ୍ୟବସ୍ଥା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନଥିବାରୁ ମଶା ସହରବାସୀଙ୍କୁ ଅଥୟ କରିଦେଲେଣି। ଏହାର ନିରାକରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳୁଛି। ସଚେତନତା ନେଇ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସୋନପୁର ପୌରପରିଷଦ ଅଧୀନ ବିଭିନ୍ନ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରାଯାଉନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମଶାଙ୍କ ଉପଦ୍ରବରେ ସହରବାସୀ ଅତିଷ୍ଠ କରି ପକାଇଲାଣି। ଏ ନେଇ ଅଭିଯୋଗ କଲେ କେବଳ ପ୍ରତିଶ୍ରୁତି ମିଳୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ସହରର ଡ୍ରେନ୍‌ରେ ଦୋଳାନୀଙ୍କ ବର୍ଜ୍ୟବସ୍ତୁ ପଡି ରହିବା ଫଳରେ ଜଳ ନିଷ୍କାସନରେ ବାଧକ ସାଜିଛି ମଇଳା ପାଣି ଜମି ରହୁଛି। ଅଧିକାଂଶ ସ୍ଥାନରେ ପାଇପ୍ ଜଳ ଓ ଡ୍ରେନ୍ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଢେଉ ଭାଙ୍ଗୁଛି ଓ ଦୀର୍ଘଦିନ ଧରି ପାଣି ନିଷ୍କାସନ ନହୋଇ ପାଣି ଜମି ରହି ମଶା, ମାଛି ସହ ବିଭିନ୍ନ ଜୀବାଣୁଙ୍କ ଉପସ୍ଥିତି ପାଲଟିଛି। ଏମାନଙ୍କ ବଂଶ ବୃଦ୍ଧି ରୋକିବାରେ ପୌରପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରାନଯିବାରୁ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଉଛି। ସୋନପୁର ସହରରେ ଥିବା ନାଳ ନର୍ଦ୍ଦମାକୁ ଠିକ୍ ଭାବେ ସଫେଇ କରାଯାଉନାହିଁ। ଏପରିକି ସେଥିରେ ମଶା ତେଲ ସିଞ୍ଚନ ହେଉନାହିଁ ଓ ପୌରପାଳିକାର ନିୟମିତ ଭାବେ ମଶା ଧୂଆଁ ଗାଡ଼ି ଦେଖିବାକୁ ମିଳୁନି। ଆଗାମୀ ଦିନରେ ସହରରେ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ରହୁଛି ବୋଲି ସାଧାରଣରେ ଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

ଏସ୍‌ସିବିରେ ୨୮ରୁ ମେଡ଼ିଭିଜନ୍‌ର ରାଜ୍ୟସ୍ତରୀୟ ସମ୍ମିଳନୀ

କଟକ, ନ୍ୟୁଜ୍ ବ୍ୟୁରୋ

ଡାକ୍ତରୀ ଶିକ୍ଷା ସହିତ ବ୍ୟବହାରିକ ଜ୍ଞାନ, ଦକ୍ଷତା ବିକାଶ ଓ ନେତୃତ୍ୱ ଗଠନକୁ ଗୁରୁତ୍ୱ ଦେଇ କଟକ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ପରିସରରେ ଆୟୋଜିତ ହେବ ଦୁଇଦିନିଆ 'ମେଡିଭିଜନ୍ ଓଡ଼ିଶା ରାଜ୍ୟସ୍ତରୀୟ ସମ୍ମିଳନୀ-୨୦୨୬'। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ମେଡିକାଲ୍ ଓ ଡେଣ୍ଟାଲ୍ ଶାଖା ମେଡିଭିଜନ୍ ପକ୍ଷରୁ ନଭେମ୍ବର ୨୮ ଓ ୨୯ ତାରିଖରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ମେଡିକାଲ୍ ଓ ଡେଣ୍ଟାଲ୍ କଲେଜର MBBS, BDS ଏବଂ PG ଛାତ୍ରଛାତ୍ରୀ ଯୋଗଦେବେ। ନଭେମ୍ବର ୨୮ ତାରିଖରେ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେବା ସହ ସମ୍ମିଳନୀର ଶୁଭାରମ୍ଭ କରିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ବାହାରେ ବ୍ୟବହାରିକ ଚିକିତ୍ସା ଜ୍ଞାନ ପ୍ରଦାନ ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ। ଏଥିପାଇଁ ବିଭିନ୍ନ ବିଷୟକୁ ନେଇ Hands-on Skill Development Workshop ଆୟୋଜନ କରାଯିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଚିକିତ୍ସା କ୍ଷେତ୍ରର ଆବଶ୍ୟକୀୟ କୌଶଳ ସମ୍ପର୍କରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇବେ। ସମ୍ମିଳନୀରେ ଆୟୋଜିତ ହେବାକୁ ଥିବା 'Role Model Session' ମଧ୍ୟ ବିଶେଷ ଆକର୍ଷଣ ରହିବ। ଏଥିରେ ଶିକ୍ଷାବିତ୍ ତଥା ମେଡିକାଲ୍ ଏଜ୍ୟୁକେଶନ୍ ପରୀକ୍ଷା ପ୍ରସ୍ତୁତି କ୍ଷେତ୍ରରେ ଅଭିଜ୍ଞ ମୁକେଶ ଭାଟିଆ ଏବଂ ବିଶିଷ୍ଟ ଡାକ୍ତର ଡା. ଶଙ୍କର ରାମଚନ୍ଦାନୀଙ୍କ ସମେତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସେବା ଯୋଗାଇଆସୁଥିବା ଡାକ୍ତରମାନେ ନିଜ ଅଭିଜ୍ଞତା ବାଣ୍ଟିବେ। ଡାକ୍ତରୀ ପେଶାର ଚ୍ୟାଲେଞ୍ଜ, ରୋଗୀ ସେବା, ସାମାଜିକ ଦାୟିତ୍ୱବୋଧ ଏବଂ ଶିକ୍ଷାକ୍ଷେତ୍ରରେ ସଫଳତା ପାଇଁ ଆବଶ୍ୟକ ଅଧ୍ୟୟନ ପ୍ରଣାଳୀ, ସମୟ ପରିଚାଳନା ଓ ଯୋଜନାବଦ୍ଧ ପ୍ରସ୍ତୁତି ଉପରେ ଆଲୋଚନା ହେବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଜଣେ ଦକ୍ଷ ଡାକ୍ତର ହେବା ସହ ଜଣେ ସମ୍ବେଦନଶୀଳ ଓ ଦାୟିତ୍ୱବାନ ନାଗରିକ ଭାବେ ନିଜକୁ ଗଢ଼ିବାକୁ ପ୍ରେରଣା ପାଇବେ। ସେହିପରି 'Beyond the White Coat' ଶୀର୍ଷକରେ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନା ଆୟୋଜନ କରାଯିବ। ଡାକ୍ତରୀ ଶିକ୍ଷା ଓ ଚିକିତ୍ସା ସେବା ବ୍ୟତୀତ ଜଣେ ଡାକ୍ତରଙ୍କ ସାମାଜିକ ଭୂମିକା, ନେତୃତ୍ୱ ଦକ୍ଷତା, ବ୍ୟକ୍ତିତ୍ୱ ବିକାଶ ଏବଂ ସମାଜ ପ୍ରତି ଅବଦାନ ଏହି ଆଲୋଚନାର ପ୍ରମୁଖ ବିଷୟ ରହିବ। ଅନ୍ୟପକ୍ଷରେ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଛାତ୍ର ସଂସଦ ସଭାପତି ଓ ସାଧାରଣ ସମ୍ପାଦକମାନେ ମଧ୍ୟ ଏହି ସମ୍ମିଳନୀରେ ସାମିଲ ହେବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମସ୍ୟା, ବିଭିନ୍ନ ଦାବି ଏବଂ ଶୈକ୍ଷିକ ପରିବେଶରେ ରହିଥିବା ଆବଶ୍ୟକତା ଉପରେ ମତ ବିନିମୟ କରାଯିବ। ଏଥିପାଇଁ ଏକ ଡ୍ରାଫ୍ଟିଂ ଟିମ୍ ଗଠନ କରାଯାଇ ସମସ୍ୟା ଓ ଦାବିଗୁଡ଼ିକୁ ନେଇ ଏକ ଖସଡ଼ା ପ୍ରସ୍ତୁତ କରାଯିବ। ପରେ ଏହା ଉପରେ ସମସ୍ତ ପ୍ରତିନିଧିଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହେବ। ରାଜ୍ୟର ଡାକ୍ତରୀ ଛାତ୍ର ସମାଜକୁ ଏକ ମଞ୍ଚରେ ଏକତ୍ରିତ କରିବା ସହ ଜ୍ଞାନ ଆଦାନପ୍ରଦାନ, ଦକ୍ଷତା ବିକାଶ, ନେତୃତ୍ୱ ଗଠନ ଓ ସାମାଜିକ ସଚେତନତା ବୃଦ୍ଧିରେ ଏହି ସମ୍ମିଳନୀ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।



ଜୟନ୍ତୀରେ ନବକୃଷ୍ଣ ଚୌଧୁରୀ ଓ ଜାତୀୟ କବିଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜନ୍ମ ଜୟନ୍ତୀରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଋଷିପ୍ରତିମ ରାଜନେତା ନବକୃଷ୍ଣ ଚୌଧୁରୀ ଓ ଜାତୀୟ କବି ବୀରକିଶୋର ଦାସଙ୍କୁ ଜଗତସିଂହପୁର ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଉଭୟ ରାଜନେତା ନବକୃଷ୍ଣ ଚୌଧୁରୀ ଓ ଜାତୀୟ କବି ବୀରକିଶୋର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପୌରପରିଷଦ ଅଧକ୍ଷ ବିପ୍ଳବ ଚୌଧୁରୀ, ଯୁବନେତା ମାନସ କୁମାର ରଥ, ଅବନୀକାନ୍ତ ମହାରଣା, ସୁଦର୍ଶନ ବେହେରା, ଇନତିୟାଜ୍ ଅହମ୍ମଦ ଖାନ୍, ଉମେଶ ସ୍ୱାଇଁ, ଶଙ୍କରେଶ୍ୱର ଦାସ, ପବିତ୍ର ପରିଡ଼ା, ଶରତ ଚନ୍ଦ୍ର ପାତ୍ର, ଜୟୀରାମ ଦାସ, କାଳିଆ ଭୋଇ ପ୍ରମୁଖ ଯୋଗଦେଇ ଦିବଂଗତ ମହାପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଶିଶୁ କନ୍ୟାକୁ ଝାମ୍ପିନେଲା ବନ୍ୟଜନ୍ତୁ:ଗାଁରେ ଆତଙ୍କ



ରାଇଘର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲାରେ ବନ୍ୟଜନ୍ତୁ ଆକ୍ରମଣ ଆଶଙ୍କାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ରାଇଘର ବନାଞ୍ଚଳ ଅନ୍ତର୍ଗତ ନାକଟିସିମୋଡା ପଞ୍ଚାୟତର ଚଢ

ପକ୍ଷାତୀତ

32 YEARS

ସମ୍ବାଦ କଳିକା

୧୫୦୦ ପଏଣ୍ଟ ଖସିଲା

ସେନସେକ୍ସ ୬ ଲକ୍ଷ କୋଟି ସ୍ୱାହା

ସେୟାର ବଜାରରେ ଆଜି ବଡ଼ ଧରଣର ଭୂକମ୍ପ ଦେଖିବାକୁ ମିଳିଛି । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସେୟାର ବଜାରଗୁଡ଼ିକ ଖସିବା ଫଳରେ ଏହାର ପ୍ରଭାବ ଭାରତୀୟ ଇକ୍ୱିଟି ବଜାରରେ ସ୍ପଷ୍ଟ ଅନୁଭବ ହୋଇଛି । ସୋମବାର କାରବାର ଶେଷରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ) ସେନସେକ୍ସରେ ୧୪୮୩.୭୨ ପଏଣ୍ଟ ହ୍ରାସ ଘଟିଛି । ଫଳରେ ଏହା ୮୨,୪୩୫.୯୯ ପଏଣ୍ଟରେ ବନ୍ଦ ହୋଇଛି । ଅନ୍ୟପକ୍ଷରେ, ନ୍ୟାସ୍ନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ନିଫ୍ଟି ୪୫୦ ପଏଣ୍ଟ ଖସି ୨୫,୩୪୯ ପଏଣ୍ଟରେ ବନ୍ଦ ହୋଇଛି । ମେଟାଲ, ବ୍ୟାଙ୍କିଙ୍ଗ ଏବଂ ଏନର୍ଜି ସେୟାରରେ ସବୁଠୁ ଅଧିକ ହ୍ରାସ ଘଟିଛି । ପୁଞ୍ଜି ବଜାରରେ ଏହି ହ୍ରାସ ମଧ୍ୟରେ ନିବେଶକଙ୍କ ମୋଟ ସମ୍ପତ୍ତି ୬.୩୯ ଲକ୍ଷ କୋଟି ଟଙ୍କା କମିଯାଇଛି । ବିଏସ୍ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ମୂଲ୍ୟ ୫୦୮ ଲକ୍ଷ କୋଟି ଟଙ୍କାକୁ ଖସିଆସିଥିବା ଜଣାପଡ଼ିଛି । ବିଶେଷଜ୍ଞଙ୍କ ଅନୁସାରେ, ବିଶ୍ୱବ୍ୟାପୀ ବଜାର ଗୁଡ଼ିକରେ ହ୍ରାସର ପ୍ରଭାବ ଭାରତୀୟ ବଜାର ଉପରେ ପଡ଼ିଛି । ସେୟାର ବଜାରରେ ଲଗାତର ବୃଦ୍ଧି ଦେଖିବାକୁ ମିଳୁଥିଲା । ଏହି କାରଣରୁ ଏବେ ନିବେଶକ ଲାଭ ଅସୁଲି ବା ପ୍ରଫିଟ ବୁକିଂ କରୁଛନ୍ତି । ଏହା ପ୍ରଭାବରେ ବଜାର ଖସୁଛି । ସେନସେକ୍ସରେ ଟାଟା ଷ୍ଟିଲ, ଏଚଡିଏଫସି ବ୍ୟାଙ୍କ, ଏକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଅଲଟ୍ରାଟେକ୍ ସିମେଣ୍ଟର ସେୟାର ମୂଲ୍ୟରେ ୬% ହ୍ରାସ ଘଟିଛି । ଅନ୍ୟପକ୍ଷରେ, ଟିସିଏସ୍, ଟେକ୍ ମହିନ୍ଦ୍ରା, ଇଫୋସିସ୍, ଏଚସିଏଲ୍ ଟେକ୍ ଏବଂ ମାରୁତି ସୁଜୁକିର ସେୟାର ମୂଲ୍ୟ ବଢ଼ିଛି । ପ୍ରଫିଟ୍ ବୁକିଂର ବଡ଼ କାରଣ ହେଉଛି ନିକଟରେ ବଜାର ରେକର୍ଡ ସ୍ତରରେ ପହଞ୍ଚିବା ।



(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସମ୍ଭବ

ହେ ଭକ୍ତ ସମ୍ଭବପର ସବୁ ହୋଇପାରେ । ସେହି ଭକ୍ତ, ଯେ ନିଷ୍କାମ ଓ ନିଷ୍ଠାର ସହିତ ସତ୍ୟକୁ ଆଧାର କରି ସମୟର ପ୍ରତ୍ୟେକ ମୂହୁର୍ତ୍ତକୁ ଶାନ୍ତିର ବାଣୀ ଦ୍ୱାରା ପରିଚାଳନା କରିଥାଏ। ସେହି ଭକ୍ତ ହିଁ ସମାଜ ପାଇଁ ସମ୍ଭବପର ହୋଇଥାଏ । କାରଣ ତା ପାଖରେ ଅସମ୍ଭବ କିଛି ନାହିଁ । କାରଣ ତାର କାୟ ମନ ବାକ୍ୟରେ ସମ୍ବଳ ହିଁ ସ୍ୱୟଂ ଈଶ୍ୱର । ତେଣୁ ସେ ନିର୍ଭିକ ବିବେକବାନ ସେ ହିଁ ଧର୍ମ । ସେ ହିଁ ସନାତନ ।

ତେଣୁ ହେ ଭକ୍ତ ସମ୍ଭବକୁ ଅସମ୍ଭବ ଭାବିବା ଭାରି ସହଜ କିନ୍ତୁ ତାକୁ ପାଳନ କରିବା ଭାରି କଷ୍ଟ । କିନ୍ତୁ ସମ୍ଭବ ଭକ୍ତର ଭାଷାକୁ ବୁଝିବା ଭାରି କଷ୍ଟ। ତାର ବାକ୍ୟକୁ ଗ୍ରହଣ କରିବା ସବୁଠାରୁ କଷ୍ଟ । ସେତିକି ନିଷ୍ଠା ଥିବା ଦରକାରା ଯେପରି ଅଙ୍ଗୁରୁ ଖାଇ ନପାରିଲେ ଖଟା ବୋଲି କହିଥାଆନ୍ତି ସେହିପରି ଭକ୍ତର ମନକୁ ନ ବୁଝି ତାକୁ ହେୟ ଜ୍ଞାନ କରିଥାଆନ୍ତି ଏହି ବଦ୍ଧଜୀବମାନେ । ତେଣୁ ହେ ଭକ୍ତ ପାତ୍ରରେ ଦାନ ଦିଅ । ଅ ପାତ୍ରରେ ନୁହେଁ। ତାର ଅର୍ଥ ହେଲା -

"ମୁର୍ଖକୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମହତ୍ୟା ଦୋଷ ।"

ତେଣୁ ବୁଝି ବିଚାରୀ କାର୍ଯ୍ୟ କଲେ
ପ୍ରମାଦ ନ ପଡଇ ଭଲେ । ହରି ଓଁ ।



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ରାଜ୍ୟରେ ଅନୁପ୍ରବେଶ-ଏକ ସମୀକ୍ଷା

ବଙ୍ଗଳାଦେଶୀମାନଙ୍କର ଅନୁପ୍ରବେଶ ହାର ଆସାମ, ପଶ୍ଚିମବଙ୍ଗ ଓ ଓଡ଼ିଶାରେ ସର୍ବାଧିକ। ଏହି ଅନୁପ୍ରବେଶକୁ ରୋକିବାକୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆସାମରେ ସେଠାର ସରକାରଙ୍କ ପକ୍ଷରୁ କିଛି ବର୍ଷ ନିମନ୍ତେ ଏହାକୁ ରୋକିବାକୁ କିଛିଟା ଉଦ୍ୟମ ହୋଇଥିଲା ମାତ୍ର ପଶ୍ଚିମବଙ୍ଗ ବା ଓଡ଼ିଶାରେ ଏପରି ଉଦ୍ୟମ ଆଦୌ ହୋଇନାହିଁ କହିଲେ ଚଳେ। ଏହି ଅନୁପ୍ରବେଶ ନିମନ୍ତେ ସ୍ଥାନୀୟ ରାଜନୈତିକ ଦଳମାନେ ହିଁ ଦାୟୀ। କାରଣ ଅନୁପ୍ରବେଶକାରୀମାନେ ହେଲେ ସେମାନଙ୍କର ଭୋଟ ବ୍ୟାଙ୍କ। କୌଣସି ଉପାୟରେ ସେମାନଙ୍କୁ ଥଇଥାନ କରିଦେଇ ଭୋଟର ତାଲିକାରେ ସେମାନଙ୍କ ନାମ ଭରିଦେଲେ ସେମାନଙ୍କର କାର୍ଯ୍ୟ ପ୍ରାୟଶଃ ଶେଷ। ମାତ୍ର ସେମାନେ ବୁଝନ୍ତି ନାହିଁ ଯେ ଏହାଦ୍ୱାରା ଦେଶର କିଭଳି କ୍ଷତି ହୁଏ। ବର୍ତ୍ତମାନ ଏପରି ହେଲାଣି ଯେ ପଶ୍ଚିମବଙ୍ଗ ଲୋକ ସଂଖ୍ୟାର ପ୍ରାୟ ୩୬% ଅର୍ଥାତ ୧/୩ ଅଂଶ ହେଉଛନ୍ତି ବଙ୍ଗଳାଦେଶୀ ମୁସଲମାନ। ସେଠାର ରାଜନୈତିକ ନେତାମାନେ ଏଥିପ୍ରତି ଆଦୌ ନଜର ଦେଉନାହାନ୍ତି। କାରଣ ବହୁ ରାଜନୈତିକ ନେତା ବଙ୍ଗଳାଦେଶରୁ ଆସିଛନ୍ତି। ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନଙ୍କ ପ୍ରତି ସେମାନଙ୍କର ଦରଦ ରହିବାର କଥା। ଯଦି ଏପରି ଅନୁପ୍ରବେଶକୁ ରୋକା ନଯାଏ ସେମାନେ ସେ ରାଜ୍ୟରେ ସଂଖ୍ୟା ଗରିଷ୍ଠତା ହାସଲ କରିନେବେ। ଏଣେ ଆମେ ସମସ୍ତେ ଧର୍ମ ନିରପେକ୍ଷତାର ଧ୍ୱଜାର ଜୟ ବୈଜୟନ୍ତୀ ଉଡ଼ାଉଥିବା ବେଳେ ଦେଶର ଉତ୍ତର ପୁରୁଷମାନେ ଏପରି ସମସ୍ୟାକୁ କିଭଳି ସାମନା କରିବେ ଓ ତାହା ସହ ଦେଶର ସାଂସ୍କୃତିକ ଭାବଧାରାରେ ତାହା କିଭଳି ପ୍ରଭାବ ପଡ଼ିବ ତାହା ଥରେ ହେଲେ ସେମାନେ ଚିନ୍ତା କରନ୍ତି ନାହିଁ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କଳିଙ୍ଗ ସାମ୍ରାଜ୍ୟର ବଙ୍ଗଳାଦେଶ ସୀମା ଫାରକା ପର୍ଯ୍ୟନ୍ତ ରହିଥିଲା। ଦିନଥିଲା ଓଡ଼ିଆ ଶାସକମାନଙ୍କ ଯୋଗୁ ବଙ୍ଗରେ ପ୍ରସାରିତ ମୁସଲମାନ ଶାସନକୁ ପ୍ରତିରୋଧ କରାଯାଇ ପାରିଥିଲା। ଓଡ଼ିଆମାନଙ୍କ ଯୋଗୁ ଆଜିର ହିନ୍ଦୁ ଅଧ୍ୟୁଷିତ ପଶ୍ଚିମବଙ୍ଗ ରହିପାରିଛି। ନଚେତ ମୁସଲମାନ ଶାସକମାନେ କ୍ରମାଗତଭାବେ ବଳ ପ୍ରୟୋଗ କରି ସମଗ୍ର ବଙ୍ଗ ଭୂମିକୁ ସେମାନଙ୍କ ଧର୍ମର ସାମ୍ରାଜ୍ୟ କରି ଦେଇପାରିଥାନ୍ତେ। ବଙ୍ଗ ବିଭାଜନ ପରେ ବର୍ତ୍ତମାନର ବଙ୍ଗଳା ଦେଶ ପୂର୍ବରୁ ଥିଲା ପୂର୍ବ ପାକିସ୍ତାନ। ଧର୍ମ ଓ ସଂସ୍କୃତିକୁ ସେଠାରେ ବଦଳାଇବା ନିମନ୍ତେ ତତ୍‌କାଳୀନ ମୁସଲମାନ ଶାସକମାନେ କିଭଳି ଅକଥନୀୟ ଅତ୍ୟାଚାର କରିଥିଲେ ତାହା ଇତିହାସରେ ଲିପିବଦ୍ଧ ରହିଛି। ପୁଣି ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ପୂର୍ବ ବଙ୍ଗ ଯୁବସମାଜର ଅବଦାନ ମଧ୍ୟ କମ୍ ନୁହେଁ। ବହୁ କମ୍ ବୟସର ହିନ୍ଦୁ ଯୁବକମାନେ ଦେଶପାଇଁ ହସି ହସି ପ୍ରାଣ ଦେଇଛନ୍ତି। ହୁଏତ ସେମାନଙ୍କ ଅବଦାନ ନିମନ୍ତେ ବଙ୍ଗଳାଦେଶରେ ସ୍ମୃତି ସଭାଟିଏ ବି ହୁଏ ନାହିଁ। କାରଣ ସେମାନେ ହିନ୍ଦୁ ଓ କେବଳ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଲଢୁଥିଲେ। ମୁସଲମାନମାନଙ୍କ ଅତ୍ୟାଚାର ଏପରି ହେଲା ଯେ ସେଠାରେ ହିନ୍ଦୁମାନେ ଧର୍ମାନ୍ତରିତ ହେବାକୁ ବାଧ ହେଲେ। ଏବେ ବି ସେହିଭଳି ଚାଲିଛି। ଆସାମରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ କିଛି କମ୍ ନାହାନ୍ତି। ବ୍ରହ୍ମପୁତ୍ର ନଦୀର ଉପତ୍ୟକାରେ ଲୋକ ସଂଖ୍ୟା ୪୮% ସେମାନେ ଆସ୍ଥାନ ମାର୍ଡ଼ ରହି ଯାଇଛନ୍ତି। ଆସାମୀ ଓ ବଙ୍ଗାଳୀମାନଙ୍କ ମଧ୍ୟରେ ଭଲ ପଡ଼େ ନାହିଁ। ତେଣୁ ଅନୁପ୍ରବେଶକାରୀ ବଙ୍ଗାଳୀ ମୁସଲମାନଙ୍କୁ ସେମାନେ ପ୍ରତିରୋଧ କରିଥାନ୍ତି। ଆସାମରେ ଅଣ ଆସାମୀମାନଙ୍କୁ ରଖି ନଦେବା ପାଇଁ ସେଠାରେ ବହୁ ଆନ୍ଦୋଳନ ହୋଇଛି। ଏଣେ ଆସାମ ମଧ୍ୟରେ ବୋଡ଼ୋ, ନାଗାମାନଙ୍କର ଉତ୍ପାତ ମଧ୍ୟ କମ୍ ନୁହେଁ। ଗୋଟିଏ କ୍ଷୁଦ୍ର ପାହାଡ଼ି ଇଲାକା ହୋଇଥିଲେ ମଧ୍ୟ ବୋଡ଼ୋମାନେ ଏକ ସ୍ୱତନ୍ତ୍ର ରାଜ୍ୟ ଚାହୁଁଛନ୍ତି। ସେଥିପାଇଁ ସେମାନେ ଭୟଙ୍କର ଆନ୍ଦୋଳନ ବି କରୁଛନ୍ତି। ବଙ୍ଗଳାଦେଶରେ ବିପ୍ଳବାତ୍ମକ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା କେନ୍ଦ୍ରମାନ ଗଢ଼ି ଉଠିଛି। ପୂର୍ବ ଭୂଖଣ୍ଡରେ ଯେତେ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି ବା ହେଉଛି ତାହା କେବଳ ବଙ୍ଗଳା ଦେଶ ଯୋଗୁଁ ହିଁ ସମ୍ଭବ ହେଉଛି। ସୀମାରେଖା ନିକଟରେ କିଭଳି ପ୍ରକାରର ଅନ୍ତର୍ଘାତି କାର୍ଯ୍ୟ ସେମାନେ ଚଳାଇଛନ୍ତି ତାହା ସେହିଠାର ଲୋକମାନଙ୍କଠାରୁ ଶୁଣାଯାଏ। ଭାରତ ସରକାର ବା ଏହି ଦେଶକୁ ଲାଗିଥିବା ଭାରତୀୟ ରାଜ୍ୟମାନେ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ଏ ସମସ୍ତ କହିବାକୁ ରାଜନୈତିକ ଦଳମାନେ ଚୁପ୍ ହୋଇ ରହୁଛନ୍ତି। ଯେଉଁ ରାଜନୈତିକ ଦଳ ସେମାନଙ୍କୁ ଆଶ୍ରୟ ଦେଉଛନ୍ତି ବା ଦେଇଛନ୍ତି ସେମାନେ କିଭଳି ସେମାନଙ୍କ ବିରୁଦ୍ଧରେ ସ୍ୱର ଉଠାଇବେ? ବୈଦେଶିକ ଆଇନର ଧାରା ୨୮/୨୯ ଅନୁଯାୟୀ ତା ୧୫.୦୧.୨୦୦୫ ସୁଦ୍ଧା କେନ୍ଦ୍ରାପଡ଼ା ଜିଲ୍ଲାର ୧୫୫୧ ଜଣଙ୍କୁ ବଙ୍ଗଳାଦେଶୀ ଚିହ୍ନଟ କରାଯାଇଛି। ମାତ୍ର ଏହି ସଂଖ୍ୟା ଯଥେଷ୍ଟ ଅଧିକ। ଅନ୍ୟ ଜିଲ୍ଲା ମାନଙ୍କର ହିସାବ କେତେ? କେଉଁ ଭିତ୍ତିଭୂମିକୁ ଧରି କେନ୍ଦ୍ରାପଡ଼ା ଜିଲ୍ଲାର ମାତ୍ର ୧୫୫୧ ଜଣଙ୍କୁ ଚିହ୍ନଟ କରାଯାଇଛି? ଯେଉଁ ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀମାନେ ଏଥିରେ ସଂପୃକ୍ତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସର୍ବାଦୌ ଆବଶ୍ୟକ। କାରଣ ଏମାନେ ଦେଶର ଶତ ଭାବେ ନିଶ୍ଚିତ ଭାବେ ଗଣିତ ହୋଇ ପାରିବେ।

ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଏବେ ଓଡ଼ିଶାରେ ଆସି ଆସ୍ଥାନ ଜମାଇ ସାରିଲେଣି। ଓଡ଼ିଶାର ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲ୍ଲାମାନଙ୍କର ସମୁଦ୍ରତଟ ଅଞ୍ଚଳରେ ସେମାନେ ଏବେ ରହୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ସେମାନଙ୍କ ସଂଖ୍ୟା ବେଶି। ଅନୁପ୍ରବେଶ ପରେ ସରକାରୀ ଲୁଣା ଜଙ୍ଗଲକୁ ସଫାକରି ମାଛ ଚାଷ ଠାରୁ ଆରମ୍ଭକରି ବିଭିନ୍ନ ପ୍ରକାରର ଫସଲ କରିପାରୁଛନ୍ତି। ରାଜନୈତିକ ଦଳମାନେ ବି ସେମାନଙ୍କୁ ସେମାନଙ୍କର ଭୋଟ ବ୍ୟାଙ୍କ ଭାବି ସାହାଯ୍ୟ କରିବାକୁ ଆଗଭର ହୋଇ ଆସୁଛନ୍ତି। ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀ ଓ ରାଜନୈତିକ ଦଳମାନଙ୍କ ସହଯୋଗରେ ସେମାନେ ଜମିର ସତ୍ୱ ସାବ୍ୟସ୍ତ କରି ଭୋଟର ତାଲିକାରେ ନାମ ଭରଣ କରୁଛନ୍ତି। ତା ପରେ ବି.ପି.ଏଲ୍ କାର୍ଡ଼ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ସରକାରୀ ସାହାଯ୍ୟ ଦେବାରେ କେହି ପଛାଉ ନାହାନ୍ତି। ସେମାନଙ୍କ ମଧ୍ୟରୁ ବହୁ ବଙ୍ଗଳାଦେଶୀ ମୁସଲମାନ ହୋଇ ମଧ୍ୟ ଏହି ଅଞ୍ଚଳରେ ନିଜର ହିନ୍ଦୁ ନାମ ଦେଇ ରହିଛନ୍ତି। ସେମାନେ ପ୍ରକୃତରେ କିଏ ଓ କଣ ତାହାର ମଧ୍ୟ ଯାଞ୍ଚ ହୁଏ ନାହିଁ। ସ୍ଥାନୀୟ କିଛି ଓଡ଼ିଆ ଲୋକେ ଯାହା ପାଟି କରୁଛନ୍ତି ତାକୁ ଶୁଣୁଛି ବା କିଏ? ମନୀନ୍ଦ୍ରନାଥ ଗୁହ ନାମରେ ଜଣେ ଜିଲ୍ଲାପାଳ କଟକରେ ଥିଲେ। କୁଜଙ୍ଗଠାରୁ ରାଜନଗର ପର୍ଯ୍ୟନ୍ତ ବହୁ ସରକାରୀ ଜମିକୁ ସେ କେବଳ ବଙ୍ଗାଳୀମାନଙ୍କୁ ବାଣ୍ଟି ଦେଇଛନ୍ତି। ଯଦି ଜଣେ ବଙ୍ଗାଳୀ ସେ ଜମି ବିକ୍ରି କରିଦେଇଛି ତେବେ କେବଳ ଜଣେ ବଙ୍ଗାଳୀ ହିଁ ତାକୁ ନେଇ ପାରିଛି। ଏହି କାର୍ଯ୍ୟରେ ତାଙ୍କୁ ତତ୍‌କାଳୀନ ସ୍ଥାନୀୟ କେତେକ ଜମିଦାର ସାହାଯ୍ୟ କରିଛନ୍ତି। ଏପରି କାହିଁକି ଓ କିପରି ହୋଇଛି ତାହାର ତଦାରଖ ନିମନ୍ତେ କୌଣସି ଗୋଟିଏ ହେଲେ ଉଦ୍ୟମ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏହି ଅଞ୍ଚଳରେ ଖ୍ରୀଷ୍ଟ ଧର୍ମ ପ୍ରଚାର ମଧ୍ୟ ଆରମ୍ଭ ହୋଇଯାଇଛି। ନିଜର ସଂସ୍କୃତିକୁ ଉପେକ୍ଷାକରି ଯଦି ଆଉ ଗୋଟିଏ ସଂସ୍କୃତି ସହିତ ଜଡ଼ିତ ହୋଇଯିବା ତେବେ ସମାଜରେ କିଭଳି ଭୟାବହତା ସୃଷ୍ଟି ହେବ ତାହା ବୋଧହୁଏ ଅପରିପକ୍ୱ ରାଜନୈତିକ ନେତାମାନଙ୍କର ମନରେ ଆସୁନାହିଁ। ସରଳ, ନିରୀହ, ଗରୀବ ଲୋକମାନଙ୍କୁ ଭୁଲାଇ କେତେକ ଅର୍ଥ ପିପାସୁ ଏହି ଧର୍ମ ପ୍ରଚାରରେ ବେଶ୍ ଆଗେଇ ଚାଲିଛନ୍ତି। ଏହି ସବୁକୁ ରୋକାଯିବା ନିମନ୍ତେ ଆଇନ ଅଛି। ତେବେ ବିରାଡ଼ି ବେକରେ ଘଣ୍ଟି ବାନ୍ଧୁଛି କିଏ?

ଉଦାର ହୃଦୟରେ ମାଲକାନଗିରିର ବିସ୍ତୃତ ଅଞ୍ଚଳରେ ପୂର୍ବ ବଙ୍ଗଳାରୁ ପଳାଇ ଆସିଥିବା ବଙ୍ଗାଳୀମାନଙ୍କୁ ଦଣ୍ଡକାରଣ୍ୟ ଯୋଜନା ନାମରେ ରଖି ଦିଆଯାଇଛି। ଜଙ୍ଗଲ ସଫା ପରେ ଚାଷ କରି ସେମାନେ ସେଠାରେ ବେଶ ଆସ୍ଥାନ ଜମାଇ ଦେଇଛନ୍ତି। ବର୍ତ୍ତମାନ ସେଠାର ସ୍ଥାନୀୟ ଆଦିବାସୀମାନଙ୍କ ସହ ସେମାନଙ୍କର ଆଦୌ ଭଲ ସଂପର୍କ ନାହିଁ। ଫଳରେ ଆଜିର ଯେଉଁ ନକ୍ସାଲ ଗଣ୍ଡଗୋଳ ଇତ୍ୟାଦି ଆରମ୍ଭ ହୋଇଛି, ଏହି ସବୁ ବିବାଦ ମଧ୍ୟରୁ ତାହା ମଧ୍ୟ ଏକ କାରଣ। ତେଣୁ ସରକାର ସମସ୍ତ ବିଷୟକୁ ଅଧ୍ୟୟନ କଲେ ଏସବୁ ଆଦୌ ହୁଅନ୍ତା ନାହିଁ। କେବଳ ରାଜଧାନୀ ଭୁବନେଶ୍ୱରରେ ବସି ବିବୃତି ସର୍ବସ୍ୱ ହେଲେ ଜନ ଅସନ୍ତୋଷ କ୍ରମଶଃ ବଢ଼ିବ ଓ ଆମର ଉତ୍ତର ପୁରୁଷମାନେ ଆମକୁ ହିଁ ଦାୟୀ କରିବେ।

ରାଜସ୍ୱ କୋର୍ଟ ଗୁଡିକ କେତେ ନିରପେକ୍ଷ...



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ଅବସରପ୍ରାପ୍ତ ଆଇଏଏସ୍
ନିଳାଦ୍ରି ବିହାର
ଭୁବନେଶ୍ୱର
ମୋ : ୯୪୩୯୪୯୦୦୦୯

ରାଜସ୍ୱ ନ୍ୟାୟାଳୟ ଗୁଡିକ, ମେନ୍ଦରଙ୍କ କୋର୍ଟରୁ ତହସିଲଦାରଙ୍କ କୋର୍ଟ ପର୍ଯ୍ୟନ୍ତ, ବ୍ୟାପ୍ତ । ଏ ଗୁଡିକ, ମୁଖ୍ୟତଃ ଜମି ଜମା ରାଜସ୍ୱ, କୃଷି ଜମି ବିବାଦ ଏବଂ ଜମିର ସତ୍ୱ/ସ୍ୱାମିତ୍ୱ ସମ୍ବନ୍ଧୀୟ ମାମଲାର ପରିଚାଳନା ଓ ମୀମାଂସା ପାଇଁ ପ୍ରତିଷ୍ଠିତ। ରାଜସ୍ୱ ଅଦାଲତ ପ୍ରତିଷ୍ଠାର ମୁଖ୍ୟ କାରଣ ହେଲା:- ବିଶେଷଜ୍ଞତା ଓ ଅଭିଜ୍ଞତା: ଜମି ରେକର୍ଡ, କୃଷି ଜମି ଆଇନ, ସୀମା ନିର୍ଦ୍ଧାରଣ ଏବଂ ଜମି ଖଜଣା ଆକଳନ ପରି ବିଷୟଗୁଡ଼ିକ, ଯେହେତୁ ପ୍ରଶାସନ ନିୟମାବଳୀ ସହ ଜଡ଼ିତ, ସାଧାରଣ ସିଭିଲ୍ ଜଜ୍‌ଙ୍କ ତୁଳନାରେ, ରାଜସ୍ୱ ଅଧିକାରୀ, ଯେପରିକି ତହସିଲଦାର ଓ କଲେକ୍ଟର ଆଦିଙ୍କ ପାଖରେ ଏସବୁର ପ୍ରତ୍ୟକ୍ଷ ଅଭିଜ୍ଞତା ଥାଏ। ସିଭିଲ୍ କୋର୍ଟଗୁଡ଼ିକରେ ଅନେକ ଗୁଡିଏ ଓ ଅନେକ ପ୍ରକାରର ମାମଲା ବିଚାରାଧୀନ ଥିବା ହେତୁ , ଜମିଜମା ଓ ରାଜସ୍ୱ ସମ୍ବନ୍ଧୀୟ ମାମଲାଗୁଡ଼ିକୁ ରାଜସ୍ୱ ଅଦାଲତକୁ ପଠାଇବା ଦ୍ୱାରା ସିଭିଲ୍ କୋର୍ଟର କାର୍ଯ୍ୟଭାର କମିଥାଏ। ପୁନଶ୍ଚ, ରାଜସ୍ୱ ଅଧିକାରୀମାନେ ନିଜେ ସରଜମିନ ତଦାରଖ, ସୀମା ଚିହ୍ନଟ ଓ ଜମି ମାପ କରିପାରୁଥିବାରୁ, ସିଭିଲ୍ କୋର୍ଟ ତୁଳନାରେ ଏଠାରେ ମାମଲାର ନିଷ୍ପତ୍ତି ଶୀଘ୍ର ହୋଇପାରେ।

ସେହିପରି, ଜମି-ଖଜଣା ଓ ସରକାରୀ ଜମିର ପରିଚାଳନା ଉପରେ ସରକାର ନିର୍ଭର କରନ୍ତି। ରାଜସ୍ୱ ଆଦାୟ ଏବଂ ସରକାରୀ ଜମି ଜବରଦଖଲ ହଟାଇବା ପାଇଁ ଏହି ଅଦାଲତଗୁଡ଼ିକ ତ୍ୱରିତ ପଦକ୍ଷେପ ନେଇପାରିଥାନ୍ତି। ପ୍ରମୁଖ ରାଜସ୍ୱ ପଦବୀ ଓ ସେମାନଙ୍କ କାର୍ଯ୍ୟ: ରାଜସ୍ୱ ବୋର୍ଡ (Board of Revenue): ରାଜ୍ୟର ସର୍ବୋଚ୍ଚ ରାଜସ୍ୱ କର୍ତ୍ତୃପକ୍ଷ; ଏହା ଚୂଡ଼ାନ୍ତ ଅପିଲ / ରିଭିଜନ ଶୁଣାଣି କରେ ଏବଂ ସମସ୍ତ ରାଜସ୍ୱ ଅଦାଲତ ଉପରେ ନିୟନ୍ତ୍ରଣ ରଖେ। ଜିଲ୍ଲା ରାଜସ୍ୱ ପ୍ରଶାସନ, ବଡ଼ ଧରଣର ଜମି ଅଧିଗ୍ରହଣ ବିବାଦର ବିଚାର କରନ୍ତି. ଉପ-ଜିଲ୍ଲାପାଳ / ସହକାରୀ ଜିଲ୍ଲାପାଳ, ଉପ-ଖଣ୍ଡ ସ୍ତରରେ ଜମି ଭାଗବଣ୍ଟା, ଖଜଣା ବିବାଦ ଏବଂ ପ୍ରଥମ ଆପିଲ୍‌ର ଶୁଣାଣି କରନ୍ତି। ତହସିଲଦାର ମାନେ ତହସିଲ ସ୍ତରରେ ଦାଖଲ-ଖାରଜ (Mutation) ବିବାଦ, ଜମି ସୀମା ନିର୍ଦ୍ଧାରଣ (Demarcation) ଏବଂ ଖଜଣା ଆଦାୟ କାର୍ଯ୍ୟ ବୁଝନ୍ତି। ଜମିର ସତ୍ୱ / ସ୍ୱାମିତ୍ୱ (Title) ସମ୍ବନ୍ଧୀୟ ଜଟିଳ ଆଇନଗତ ପ୍ରଶ୍ନ କିମ୍ବା ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ କ୍ଷେତ୍ରରେ ରାଜସ୍ୱ ଅଦାଲତର ରାୟକୁ ହାଇକୋର୍ଟରେ ଜଣେ ଆହ୍ୱାନ ଦେଇ ପାରିବ । ତେବେ ମୁଖ୍ୟ ଉଦବେଗର ବିଷୟ ଯେ, ଯେତେବେଳେ ଜମି ବିବାଦରେ ସରକାର ନିଜେ ଏକ ପକ୍ଷ, ସେତେବେଳେ ରାଜସ୍ୱ ଅଦାଲତଗୁଡ଼ିକ ଆଇନକୁ ଗୁରୁତ୍ୱ ଦିଅନ୍ତି ନା ସରକାରଙ୍କ ପକ୍ଷ ନିଅନ୍ତି – ଏହାକୁ ନେଇ ଏକ ବଡ଼ ପ୍ରଶାସନିକ ଓ ଆଇନଗତ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସଂରଚନାଗତ ସ୍ୱାର୍ଥ ସଂଘର୍ଷ.. (Structural Conflict of Interest) କାର୍ଯ୍ୟନିର୍ବାହୀ ଓ ନିରପେକ୍ଷତାର ସଂଘର୍ଷ: ରାଜସ୍ୱ ଅଦାଲତର ବିଚାରପତି, ଯେପରିକି ତହସିଲଦାର, ଉପ-ଜିଲ୍ଲାପାଳ, ଜିଲ୍ଲାପାଳ ଆଦି, ପ୍ରଶାସନିକ କାର୍ଯ୍ୟନିର୍ବାହୀ (Executive) ଅଙ୍ଗର ଅଂଶବିଶେଷ। ଯେତେବେଳେ ସରକାରୀ ଜମି ଜବରଦଖଲ, ଜମି ଅଧିଗ୍ରହଣ କିମ୍ବା ସତ୍ୱ ବିବାଦରେ ସରକାର ନିଜେ ଏକ ପକ୍ଷ ହୁଅନ୍ତି, ସେତେବେଳେ ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜଣେ ନିରପେକ୍ଷ ବିଚାରପତି ଭାବେ ନ୍ୟାୟ ଦେବା – ଏହି ଦୁଇଟି କାର୍ଯ୍ୟ, ଜଣେ ଅଧିକାରୀଙ୍କ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରେ ଓ ଏହା ହେବା ମଧ୍ୟ ସ୍

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୫ନଭେମ୍ବର ୨୦୨୬ ବୁଧବାର

ଆଜ୍ଞା

ପଞ୍ଚତତ୍ତ୍ୱର ପର୍ବ କାର୍ତ୍ତିକ ପୂର୍ଣ୍ଣିମା:ଡଙ୍ଗା ଭସାଠାରୁ ଦୀପଦାନ, ସବୁ ପଛରେ ରହିଛି ବିଜ୍ଞାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଆଧ୍ୟାତ୍ମିକତା ଚେତନା ସହିତ ବାସ୍ତୁବିଜ୍ଞାନ ତଥା ସାଂସ୍କୃତିକ ପରମ୍ପରା ଏବଂ ଐତିହ୍ୟର ସମାବେଶୀ ପର୍ବ ଅଟେ । ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ପ୍ରତି ଏହା ଆମକୁ ସଜାଗ କରିଥାଏ। ପୁନଶ୍ଚ କାର୍ତ୍ତିକ ପୂର୍ଣ୍ଣିମାର ଧାର୍ମିକ ରୀତିନୀତି ଆମକୁ ପଞ୍ଚତତ୍ତ୍ୱ (ଜଳ, ବାୟୁ, ଅଗ୍ନି, ପୃଥିବୀ ଓ ଆକାଶ)ର ପ୍ରଭାବ ସହିତ ସଂଯୁକ୍ତ କରିଥାଏ । ଏହି ଦିନ ପଞ୍ଚତତ୍ତ୍ୱ କିପରି ଆମକୁ ପ୍ରଭାବିତ କରିଥାଏ ସବିଶେଷ ଜାଣିବା ଆସନ୍ତୁ... ।



ଜଳ: ବ୍ରାହ୍ମ ମୁହୂର୍ତ୍ତରେ ନଦୀ, ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିବା କାର୍ତ୍ତିକ ପୂର୍ଣ୍ଣିମା ପର୍ବର ପ୍ରଥମ ବିଶେଷ ନୀତି ଅଟେ । ପ୍ରାକୃତିକ ଜଳରେ ସ୍ନାନ ଦ୍ୱାରା ଶରୀର ବିଭିନ୍ନପ୍ରକାର ଖଣିଜ ଲବଣ ସଂସ୍ପର୍ଶରେ ଆସିଲେ ତାପସଞ୍ଚାଳନ ପ୍ରକ୍ରିୟା ସକ୍ରିୟ ରହେ । ଆୟୁର୍ବେଦ କହେ ଯେ ଏହା ଶରୀରର ପିତ୍ତଦୋଷ ନଷ୍ଟ କରିବାରେ ସହାୟକ ହୁଏ । ସେହିପରି ନଦୀରେ କଦଳୀ ପାଟୁକା ଡଙ୍ଗାରେ ପାନ,ଗୁଆ,ଭୋଗ ରଖି ଭସାଇଲେ ଜଳଜ ଉଦ୍ଭିଦ ଏବଂ ମାଛ ପାଇଁ ଏଗୁଡ଼ିକ ଖାଦ୍ୟ ଭାବେ କାମ କରେ ।

ବାୟୁ : ସକାଳ ପ୍ରାରମ୍ଭରେ ନଦୀ ନିକଟ ବାୟୁମଣ୍ଡଳ ପ୍ରଦୂଷଣ ମୁକ୍ତ ରହିଥାଏ । ଏଣୁ ଶୁଦ୍ଧ ଅମ୍ଳଜାନ ଗ୍ରହଣ ଦ୍ୱାରା ପ୍ରାଣବାତ ସନ୍ତୁଳିତ ରହେ । ପୁନଶ୍ଚ ତୁଳସୀ ଚଉରା ନିକଟରେ ଦୀପ ଜାଳି ଶଙ୍ଖ ଫୁଙ୍କିବା କାର୍ତ୍ତିକ ଧାର୍ମିକ ନୀତି ଅଟେ । ଶଙ୍ଖ ଫୁଙ୍କିଲେ ଫୁସ୍‌ଫୁସ୍‌ର ଆଲୋଭିଓଲି ସଫା ହୁଏ ଏବଂ ସ୍ନାୟୁତନ୍ତ୍ର ସକ୍ରିୟ ହୋଇପାରେ। ପୂଜାରେ ବ୍ୟବହୃତ ତୁଳସୀ, ଅଁଳା, ଦୂବଘାସ, କଦଳୀପତ୍ରରେ ଭୋଜନ ଇତ୍ୟାଦି ଦ୍ୱାରା ଫାଇଟୋ କେମିକାଲସ୍ ଶରୀରରେ ଆଣ୍ଟି-ଅକ୍ସିଡାଣ୍ଟ ଭାବେ କାମ କରେ ।

ଅଗ୍ନି : କାର୍ତ୍ତିକ ପୂର୍ଣ୍ଣିମାରେ ନଦୀ,ପୁଷ୍କରିଣୀ ଘାଟଠାରୁ ଆରମ୍ଭ କରି ଘର, ମନ୍ଦିର ସବୁଠାରେ ସମୂହ ଦୀପଦାନ କରାଯାଇଥାଏ । ଘିଅ/ରାଶିତେଲରେ ଦୀପ ଜଳାଇବା ସହିତ କର୍ପୂର ଜାଳିବା ଦ୍ୱାରା ଦହନ ପ୍ରକ୍ରିୟା ଜରିଆରେ ନିର୍ଗତ ରାସାୟନିକ ଗ୍ୟାସ୍ ବାୟୁମଣ୍ଡଳର ଆର୍ଦ୍ରତା କମାଇବା ସହିତ କୀଟପତଙ୍ଗ, ଜୀବାଣୁ ନଷ୍ଟ କରିଦେଇଥାଏ । ଆୟୁର୍ବେଦ କହେ ଦୀପର ଉଷ୍ମତା ଦ୍ୱାରା ଶରୀରର ବାତ, ପିତ୍ତ ନିୟନ୍ତ୍ରିତ ହୋଇଥାଏ ଏବଂ ବାୟୁମଣ୍ଡଳ ଶୁଦ୍ଧ ହୁଏ । ଦୀପର କୋମଳ ଆଲୋକ ଆଖିର ଜ୍ୟୋତି ବଢ଼ାଏ, ସ୍ନାୟୁତନ୍ତ୍ରକୁ ଆରାମ ଦେବା ସହିତ ନିଦ ଭଲ ହେବାରେ ସହୟକ ହୋଇଥାଏ ।

ପୃଥିବୀ: ବ୍ରାହ୍ମ ମୁହୂର୍ତ୍ତରେ ନଦୀ କୂଳରେ ଖାଲିପାଦରେ ଚାଲି ପୂଜାର୍ଚ୍ଚନା କରିବା ଦ୍ୱାରା ଶରୀର ମାଟିର ସଂସ୍ପର୍ଶରେ ଆସିଥାଏ । ଯଦ୍ୱାରା ମାଟିରେ ଥିବା ଫ୍ରି-ଇଲେକଟ୍ରନ୍ ଶରୀରରେ ପ୍ରବେଶ କରି ଫ୍ରି-ରେଡିକାଲ୍‌କୁ ନିଷ୍କ୍ରିୟ କରେ । ଏହା ମାନସିକ ଚାପ ସନ୍ତୁଳିତ କରିଥାଏ । ମାଟିରେ ଥିବା ସିଲିକା, ଆଇରନ୍, କାଲସିୟମ୍ ଇତ୍ୟାଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । କେବଳ ଏତିକି ନୁହେଁ, ମାଟି ସଂସ୍ପର୍ଶରେ ଆସିଲେ ଚର୍ମରୋଗ ଦୂରୀଭୂତ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ପୂଜାରେ ବ୍ୟବହୃତ ଜୈବିକ ପଦାର୍ଥର ବିଘଟନ ମାଟିର ଉତ୍ପାଦିକା ଶକ୍ତି ବଢ଼ାଇଥାଏ । ଗୋବର ପାଣିରେ ଲିପି ଚଉରାମୂଳରେ ଯେଉଁ ମୁରୁଜ ମହିଳାମାନେ ପକାଇଥାନ୍ତି ତାହା ମାଟିରୁ କ୍ଷତିକାରକ ଜୀବାଣୁ ନଷ୍ଟ କରିଦିଏ । ଆକାଶ: କାର୍ତ୍ତିକ ପୂର୍ଣ୍ଣିମାର ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ମଣିଷ ଶରୀରର ୭୦ପ୍ରତିଶତ ଜଳ ଭାଗ ତଥା ରକ୍ତ ପ୍ରବାହକୁ ପ୍ରଭାବିତ କରିପାରେ । ପୁନଶ୍ଚ ଚନ୍ଦ୍ରର କିରଣ ଜୈବିକ ଘଣ୍ଟି (ସାର୍କାଡିଆନ ରିଦିମ୍)କୁ ସନ୍ତୁଳିତ ରଖିଥାଏ । ଡଙ୍ଗା ଭସାଇବା ବେଳେ ହୁଳହୁଳି, ଶଙ୍ଖ ସହିତ ମନ୍ଦିରର ଘଣ୍ଟଘଣ୍ଟା ଧ୍ୱନି ଆକାଶରେ ବିଦ୍ୟୁତ୍ ଚୁମ୍ବକ କ୍ଷେତ୍ର ସୃଷ୍ଟି କରିବା ସହିତ ସ୍ନାୟୁତନ୍ତ୍ରକୁ ସକ୍ରିୟ କରେ । ଆୟୁର୍ବେଦ ମତରେ ଶୀତଳ ଚନ୍ଦ୍ର କିରଣରେ ଔଷଧୀୟ ଗୁଣ ଶରୀର ପାଇଁ ଲାଭଦାୟୀ ହୋଇପାରେ। ମୋଟାମୋଟି କହିଲେ କାର୍ତ୍ତିକ ପୂର୍ଣ୍ଣିମାର ସମସ୍ତ ଧାର୍ମିକ ରୀତିନୀତି କେବଳ ସାମାନ୍ୟ ପରମ୍ପରା ନୁହେଁ, ବରଂ ବାସ୍ତୁବିଜ୍ଞାନ ସମ୍ମତ । ଏହା ଆମ ପୂର୍ବପୁରୁଷଙ୍କ ଦୂରଦୃଷ୍ଟିକୁ ସାବ୍ୟସ୍ତ କରିଥାଏ ।

ମୃତ୍ୟୁର ସହର କାଶୀ




ଜୀବନର ଶେଷ ଯାତ୍ରା କେଉଁଠି ହେବ, ତାହା କିଏ ବା ଜାଣେ, କିନ୍ତୁ ଭାରତରେ ଏମିତି ଏକ ପବିତ୍ର ସ୍ଥାନ ରହିଛି ଯେଉଁଠାକୁ ଲୋକେ ଜୀବନର ଅନ୍ତିମ ସମୟରେ ନିଜ ଇଚ୍ଛାରେ ଚାଲି ଆସନ୍ତି । ଏଠାରେ ରହିବା ପଛରେ ରହିଛି ମୃତ୍ୟୁ ପରେ ମୋକ୍ଷ ପ୍ରାପ୍ତିର ଆଶା। ସେହି ସ୍ଥାନ ହେଉଛି ଉତ୍ତରପ୍ରଦେଶର ପବିତ୍ର ନଗରୀ କାଶୀ ବା ବାରାଣସୀ। ହିନ୍ଦୁ ଧର୍ମରେ କାଶୀକୁ ମୋକ୍ଷର ଦ୍ୱାର ବୋଲି ବିଶ୍ୱାସ କରାଯାଏ। ମାନ୍ୟତା ରହିଛି, ଏହି ପବିତ୍ର ନଗରୀରେ ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ, ତାଙ୍କୁ ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି ମିଳିଥାଏ। ଏହି ବିଶ୍ୱାସ ହିଁ ଦେଶର ବିଭିନ୍ନ ପ୍ରାନ୍ତରୁ ବୟସ୍କ ଲୋକଙ୍କୁ ଜୀବନର ଶେଷ ପର୍ଯ୍ୟାୟରେ କାଶୀ ଟାଣି ଆଣିଥାଏ। କାଶୀର ଆଧ୍ୟାତ୍ମିକ ମହତ୍ତ୍ୱ ସହ ଜଡ଼ିତ ରହିଛି ଭଗବାନ ଶିବଙ୍କ ଏକ ବିଶେଷ ମାନ୍ୟତା। କୁହାଯାଏ, କାଶୀରେ ମୃତ୍ୟୁବରଣ କରୁଥିବା ଜୀବର କାନରେ ସ୍ୱୟଂ ମହାଦେବ ତାରକ ମନ୍ତ୍ର ଶୁଣାଇଥାନ୍ତି। ଏହି ମନ୍ତ୍ର ମାଧ୍ୟମରେ ଆତ୍ମାକୁ ମୋକ୍ଷ ପ୍ରାପ୍ତିର ମାର୍ଗ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ। ଏଥିପାଇଁ କାଶୀକୁ ମୁକ୍ତିର ନଗରୀ ଏବଂ ମହାଦେବଙ୍କ ନଗରୀ ବୋଲି ମଧ୍ୟ କୁହାଯାଏ। କାଶୀରେ ଏପରି ଲୋକଙ୍କ ପାଇଁ ରହିଛି ସ୍ୱତନ୍ତ୍ର ଆଶ୍ରୟସ୍ଥଳ। ଏହା ମଧ୍ୟରେ ରହିଛି ମୁକ୍ତି ଭବନ। ଏଠାକୁ ଦେଶର ବିଭିନ୍ନ ସ୍ଥାନରୁ ବୟସ୍କ ଏବଂ ଜୀବନର ଶେଷ ସମୟରେ ପହଞ୍ଚିଥିବା ଲୋକେ ଆସି ରହିଥାନ୍ତି। ନିଜର ଶେଷ ନିଶ୍ୱାସ କାଶୀ ମାଟିରେ ତ୍ୟାଗ କରିବା ସହ ମୋକ୍ଷ ଲାଭ କରିବା ସେମାନଙ୍କର ଆଶା ଥାଏ।ଏଠାକାର ପରିବେଶ ମଧ୍ୟ ଅନ୍ୟ ସ୍ଥାନଠାରୁ ଭିନ୍ନ। ମନ୍ଦିରର ଘଣ୍ଟି ଶବ୍ଦ, ଗଙ୍ଗା ଆଳତି, ଶିବ ନାମର ଜପ ଏବଂ ଭଜନ କୀର୍ତ୍ତନ ମଧ୍ୟରେ ଲୋକେ ନିଜର ଅବଶିଷ୍ଟ ଜୀବନ ବିତାଇବାକୁ ଚାହାନ୍ତି। ଏଠାକୁ ଆସୁଥିବା ଅନେକଙ୍କ ପାଇଁ ଏହା କେବଳ ଏକ ରହିବା ସ୍ଥାନ ନୁହେଁ, ବରଂ ଜୀବନର ଶେଷ ଅଧ୍ୟାୟକୁ ଆଧ୍ୟାତ୍ମିକତା ସହ ବିତାଇବାର ଏକ ଅବସର। ସାଧାରଣତଃ ମଣିଷ ମୃତ୍ୟୁକୁ ଭୟ କରେ। କିନ୍ତୁ କାଶୀରେ ମୃତ୍ୟୁକୁ ନେଇ ରହିଛି ଏକ ଭିନ୍ନ ଭାବନା । ଏଠାରେ ମୃତ୍ୟୁକୁ ଅନ୍ତ ନୁହେଁ, ବରଂ ମୋକ୍ଷ ପ୍ରାପ୍ତିର ଏକ ମାର୍ଗ ଭାବେ ଦେଖାଯାଏ। ବୋଧହୁଏ ସେଥିପାଇଁ ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ହଜାର ହଜାର ଲୋକଙ୍କ ମନରେ ରହିଥାଏ ଗୋଟିଏ ଇଚ୍ଛା... ଶେଷ ନିଶ୍ୱାସଟି କାଶୀରେ ନେବା ।

କମଳା ଚାଷ ପାଇଁ ପ୍ରସିଦ୍ଧ ରିଆମାଳ ଓଡ଼ିଶାର ନାଗପୁର ଭାବେ ପରିଚିତ

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକରେ କମଳା ଚାଷ ଚାଷୀ ମାନଙ୍କ ପାଇଁ ଏକ ଲାଭଜନକ ବକଳ୍ପ ପାଲଟିଛି । କମଳାର ମାନ ଉତ୍କୃଷ୍ଟତା ପାଇଁ ଏହା ଓଡ଼ିଶାର 'ନାଗପୁର' ଭାବେ ପରିଚିତି ଲାଭ କରିଛି । ଏହି ଚାଷ ପରା ପଞ୍ଚାୟତର ଶତାଧିକ ଚାଷୀ ଯଥା କୁଣ୍ଢେଇଗୋଳା, ଖଳିପଶି, କରଡ଼ାପୋଷୀ, ଖୁଲବେରଣୀ, ଚଢେଇମରା, ଝରାବେରଣୀ, ସଂଘାପଶି, ନୁଆପାଟଣା, ବୁଢାପାଳ, ଦଲକ, ଠିଆନାଳ, ପରା, ଆଉଁଳି ଆଦି ଗ୍ରାମ ମାନଙ୍କରେ ହୋଇ ଆସୁଅଛି । ଚାଷ ପାଇଁ ଟିକିରା ନଦୀର ପାର୍ଶ୍ୱବର୍ତ୍ତି ଅଞ୍ଚଳ ସ୍ଥିତ ଗ୍ରାମ ମାନଙ୍କରେ ମୃତିକା ଓ ଜଳବାୟୁ ବହୁତ ଭଲ ଥିବାବେଳେ ଚାରା ଓ ଅମଳ ଏବଂ ଆୟ ଓ ଲାଭ ପାଇଁ ଚାଷୀ ମାନେ ଏହି ଚାଷ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଆସୁଛନ୍ତି । କିନ୍ତୁ ଚଳିତ ବର୍ଷ କମଳା ଚାଷୀ ମାନେ ବହୁ ସମସ୍ୟା ଦେଇ ଗତି କରୁଥିବା ଦେଖିବାକୁ ମିଳିଛି । ଚାଷର ପ୍ରଥମାର୍ଦ୍ଧରୁ କମଳା ଗଛରେ ରୋଗ, ପୋକ ଲାଗି କ୍ୱିଣ୍ଡାଲ କ୍ୱିଣ୍ଡାଲ କମଳା ଝଡି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବା ସହିତ ବିକ୍ରି ବଟା ପାଇଁ ସୁବିଧା ନ ଥିବାରୁ ସ୍ୱଳ୍ପ ମୂଲ୍ୟରେ ଅଭାବି ବିକ୍ରି କରି ଚାଷୀ କ୍ଷତି ସହୁଛନ୍ତି । ଏସବୁ ସମସ୍ୟା ପାଇଁ କମଳା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସୂଚନା ଅନୁସାରେ ଚଳିତ ବର୍ଷ ବ୍ଲକର ଉକ୍ତ ପଞ୍ଚାୟତ ମାଙ୍କରେ ଉପଯୋଗୀ ଜଳବାୟୁ ଓ ଆଦ୍ର ମୃତିକା ପାଇଁ ୨୦୦ ହେକ୍ଟର ରୁ ଊର୍ଦ୍ଧ୍ୱ ଜମିରେ କମଳା ଚାଷ ହୋଇଥିଲା । ଚାଷ ଆରମ୍ଭରୁ ଲଘୁଚାପ ଜନିତ ବର୍ଷା ପାଇଁ କମଳା ଗଛ ରୁ ପାଣି ନ ଝରି କଷି କମଳା ଗୁଡିକ ପାଚି ଝଡିପଡିଥିଲା । ବର୍ତମାନ କମଳା ଗୁଡିକ ପାଚି ବିକ୍ରି ଉପଯୋଗୀ ହେବା ବେଳେ ପ୍ରଜାପତି ବସିବାରୁ ପଚି ସଢି ନଷ୍ଟ ହୋଇଯାଉଛି । ସେହିଭଳି ରୋଗ ପୋକ ଦାଉରୁ ଯାହା ବଂଚୁଛି ତାକୁ ବିକ୍ରି କରି ଆର୍ଥିକ ମାନଦଣ୍ଡକୁ ସଜାଡିବା ପାଇଁ ଚାହିଁ ବସିଥିବା ଆଶା ବି ମଉଳି ଯାଇଛି । ଲଗାତାର ତିନୋଟି ବାତ୍ୟା ସହିତ ବିକ୍ରି ବଟା ପାଇଁ କୌଣସି ସୁବିଧା ନ ଥିବାବେଳେ ସରଂକ୍ଷିତ ରଖିବା ପାଇଁ ଶୀତଳ ଭଣ୍ଡାର ମଧ୍ୟ ନାହିଁ । ଚାଷୀ ମାନେ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରି କ୍ଷତି ସହୁଛନ୍ତି । ବଜାର ଅଭାବରୁ ବହୁ ଚାଷୀ ନିଜଟସ୍ଥ ବଜାର, ଛକ କିମ୍ବା ରାସ୍ତା କଡରେ ବସି ନିଜ ବଗିଚା ର ବଂଚିଥିବା କମଳା ବିକ୍ରି କରୁଛନ୍ତି ।

ନାସାର ନୂଆ ତଥ୍ୟ : ନେପଚୁନ୍ କକ୍ଷ ବାହାରେ ବରଫ ଭଣ୍ଡାର

ନାସାର ବୈଜ୍ଞାନିକମାନେ ପୃଥିବୀର ଉର୍ଦ୍ଧ୍ୱ ବାୟୁମଣ୍ଡଳରୁ ସଂଗ୍ରହ କରିଥିବା ସୂକ୍ଷ୍ମ ମହାକାଶ ରେଣୁର ଅଧ୍ୟୟନରୁ ଆଶ୍ଚର୍ଯ୍ୟଚକିତ ପ୍ରମାଣ ପାଇଛନ୍ତି । ନେପଚୁନ୍ ଗ୍ରହର କକ୍ଷପଥ ବାହାରେ ସୌରମଣ୍ଡଳର ସୁଦୂର କ୍ଷେତ୍ରରେ ଥିବା କୁଇପର ବେଲ୍ଟରେ ସେମାନେ ଏକ ପ୍ରାଚୀନ ବରଫ ଭଣ୍ଡାରର ପ୍ରମାଣ ପାଇଛନ୍ତି । ଏହି ଆବିଷ୍କାର ଜଳ ବିତରଣ ଓ ସୌରମଣ୍ଡଳ ସୃଷ୍ଟିର ପ୍ରାରମ୍ଭିକ ପର୍ଯ୍ୟାୟରେ ଅନ୍ୟ ଉପାଦାନ ଏବଂ ଗ୍ରହ ଉତ୍ପତ୍ତିରେ ସେମାନଙ୍କ ଭୂମିକାର ଏକ ନୂଆ ଦିଗ ଉପରେ ଆଲୋକପାତ କରିଛି । ଦୀର୍ଘ ଦଶନ୍ଧି ଧରି ଗବେଷକଙ୍କ ଧାରଣା ରହିଛି ଯେ ବାହ୍ୟ ସୌରମଣ୍ଡଳରେ ଥିବା ଭାରୀ ଅମ୍ଳଜାନ ଆଇସୋଟୋପ୍ ବରଫ-ସମୃଦ୍ଧ । ଧୂମକେତୁ ଅଧ୍ୟୟନ ଓ ଅଙ୍ଗାରକ-ସମୃଦ୍ଧ ଗ୍ରହାଣୁରୁ ଆସିଥିବା ନମୁନାରୁ ଏହାର କିଛି ପ୍ରମାଣ ମିଳିଥିଲା । କିନ୍ତୁ ଉପଲବ୍ଧ ତଥ୍ୟ ଦୃଢ଼ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଯଥେଷ୍ଟ ନ ଥିଲା। ସଦ୍ୟତମ ଅଧ୍ୟୟନ ଲାଗି, ହଷ୍ଟନ୍



ସ୍ଥିତ ନାସାର ଜନ୍ସନ୍ ସ୍ପେସ୍ ସେଣ୍ଟର୍ ବିଶେଷଜ୍ଞମାନେ ଇଆର୍-୨ ହାଇ-ଅଲ୍ଟିଚ୍ୟୁଡ୍ ଅଧ୍ୟୟନ ବିମାନ ଜରିଆରେ ପୃଥିବୀର ଷ୍ଟ୍ରାଟୋସ୍ଫିୟରରେ ୧୨ ସୂକ୍ଷ୍ମାତିସୂକ୍ଷ୍ମ ଧୂଳିକଣାର ବିଶ୍ଳେଷଣ କରିଥଲେ । ବୈଜ୍ଞାନିକମାନେ ଶକ୍ତିଶାଳୀ ସୌର କଣିକାର ସଂସ୍ପର୍ଶରେ ଆସିଥିବା କଣିକାଗୁଡ଼ିକରେ ଅସଂଖ୍ୟ ଚିହ୍ନ ପାଇଲେ। ଏହି ସଙ୍କେତ ସେମାନଙ୍କର ସମ୍ଭାବ୍ୟ ମୂଳ ଚିହ୍ନଟ କରିବାରେ ସାହାଯ୍ୟ କଲା ଏବଂ ଅଧ୍ୟୟନ ହୋଇଥିବା ନମୁନାଗୁଡ଼ିକୁ କୁଇପର ବେଲ୍ଟ ସହ ଯୋଡ଼ିଲା । ଖଣିଜ ଗଠନ ଓ ଅମ୍ଳଜାନ ଆଇସୋଟୋପ୍ ବୈଶିଷ୍ଟ୍ୟଗୁଡ଼ିକର ପରୀକ୍ଷା ଲାଗି ଗବେଷକମାନେ ନାସାର ଉନ୍ନତ ବୈଦ୍ୟୁତିକ ମାଇକ୍ରୋସ୍କୋପି କୌଶଳ ସହିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଏକ ଆୟନ ମାଇକ୍ରୋପ୍ରୋବ୍ ପ୍ରୟୋଗ କଲେ । ବିଶ୍ଳେଷଣରୁ ଜଣାପଡ଼ିଲା, ସୌରମଣ୍ଡଳ ଇତିହାସର ପ୍ରାରମ୍ଭରେ ଜଳ ଓ ବ୍ରହ୍ମାଣ୍ଡୀୟ ଧୂଳି ମଧ୍ୟରେ ପାରସ୍ପରିକ କ୍ରିୟା ଜରିଆରେ ଖଣିଜର ଉତ୍ପତ୍ତି ହୋଇଥିଲା । ସେଗୁଡ଼ିକର ରାସାୟନିକ ବୈଶିଷ୍ଟ୍ୟରୁ ଜଣାପଡ଼ିଲା, ପ୍ରାଚୀନ ଜଳରେ ଉଚ୍ଚ ମାତ୍ରାର ଭାରୀ ଅମ୍ଳଜାନ ଆଇସୋଟୋପ୍ ଥିଲା । ଗ୍ରହ ଉତ୍ପତ୍ତି ସମୟରେ ସୌରମଣ୍ଡଳର ବିଭିନ୍ନ କ୍ଷେତ୍ରର ଉପାଦାନଗୁଡ଼ିକ କିଭଳି ସ୍ଥାନାନ୍ତର ହୋଇଥିଲା ଓ ପରସ୍ପର ମଧ୍ୟରେ ମିଶିଥିଲା, ଅଧ୍ୟୟନ ସେ ବିଷୟରେ ନୂଆ ତଥ୍ୟ ପ୍ରଦାନ କରିଛି ।

ରାଜଧାନୀକୁ ଫେରିବ ପଥ ଉତ୍ସବ ଜମିବ ଶୀତୁଆ ସକାଳର ମଜା

ରାଜଧାନୀକୁ ଫେରିବ ଶୀତୁଆ ସକାଳର ମଜା । ଡିସେମ୍ବର ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବ ପଥ ଉତ୍ସବ । ଏନେଇ ବିଏମ୍‌ସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ଏହାସହ ବିଭିନ୍ନ ବ୍ୟକ୍ତି ବିଶେଷଜ୍ଞଙ୍କ କଳାକୁ ଲୋକଲୋଚନକୁ ଆଣିବାକୁ ବିଏମ୍‌ସି ଆରମ୍ଭ କରିବ ଭୁବନେଶ୍ୱର ଭାଇବ୍‌ସ । ପଥ ଉତ୍ସବକୁ ନେଇ ବିଦ୍ଧିବଦ୍ଧ ଭାବେ ଏକ ସ୍ୱତନ୍ତ୍ର ବୈଠକ ବସିବ । ମେୟରଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ସବୁ କର୍ପୋରେଟର ଓ ଅଧିକାରୀ ଯୋଗଦେବେ। ପୂର୍ବଥର ଭଳି ଏଥର ମଧ୍ୟ ୩ ଜୋନ୍‌ରେ ବିଏମ୍‌ସି ପକ୍ଷରୁ ପଥ ଉତ୍ସବ କରାଯିବ ।

ଡିସେମ୍ବର ମାସ ଶେଷ ଏବଂ ଜାନୁଆରୀ ମାସର ଦୁଇଟି ସପ୍ତାହରେ ପଥ ଉତ୍ସବ ଅନୁଷ୍ଠିତ ହେବ । ପ୍ରଥମ ପଥ ଉତ୍ସବ ଜନପଥର ମାଷ୍ଟର କ୍ୟାଣ୍ଟିନ୍‌ରୁ ରାମମନ୍ଦିର ରାସ୍ତାରେ ହେବ । ଏହା ସହ ବାକି ୨ ପଥ ଉତ୍ସବ ଜାନୁଆରୀ ମାସରେ କରାଯିବ। ଉତ୍ତର ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ପଥ ଉତ୍ସବ ସମ୍ପର୍କରେ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯିବ । ପଥଉତ୍ସବରେ ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠ ଏବଂ ଦିବ୍ୟାଙ୍ଗଠାରୁ ଆରମ୍ଭ କରି ଟ୍ରାନ୍‌ସଜେଣ୍ଡର-ସମସ୍ତ ବର୍ଗର ନାଗରିକ ସାମିଲ ହେବାକୁ କୁହାଯାଇଛି । ଗୀତ, ନୃତ୍ୟ, ଝୋଟି, ଯୋଗ, ସ୍କେଟିଂ, ସାଇକେଲିଂ, ବାସ୍କେଟ ବଲ୍, ଲୁଡୁ, କୁଇଜ୍ କମ୍ପିଟିସନ, ରଙ୍ଗୋଲୀ, ମ୍ୟାଜିକ୍ ସୋ, କ୍ଲେ ଆର୍ଟ, ଫେସ୍ ପେଣ୍ଟିଂ, ଜୁମ୍ବା ଆଦି ବିଭିନ୍ନ ବିଭାଗ ରହିଛି । ପୁରା ମାଷ୍ଟର କ୍ୟାଣ୍ଟିନଠାରୁ ଆରମ୍ଭ କରି ରାମ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଭୁବନେଶ୍ୱର ନାଗରିକ ଝୁମିବେ, ନାଚିବେ, ଗାଇବେ, ବ୍ୟାୟାମ କରିବେ ଏବଂ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରିବାର ସୁଯୋଗ ପାଇବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି । ଏହି ପଥ ଉତ୍ସବ । ସୂଚାରୁରୂପେ ପରିଚାଳନା କରିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ।

ଚନ୍ଦ୍ରରେ ୧,୮୭,୦୦୦ କିଲୋ ଆବର୍ଜନା

୧୯୫୯ ମସିହାରେ ସୋଭିଏତ୍ ରୁଷିଆର 'ଲୁନା-୨' ପ୍ରଥମ ମାନବନିର୍ମିତ ମହାକାଶଯାନ ଭାବେ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥିଲା, ଯାହା ସେଠାରେ ଯାଇ ଧକ୍କା ଖାଇଥିଲା। ତା' ପରଠାରୁ ଏ ପର୍ଯ୍ୟନ୍ତ ମଣିଷର ଏହି ଉପଗ୍ରହ ଅଭିଯାନ ସଂଖ୍ୟା ୧୪୦ରୁ ଅଧିକ ହେଲାଣି । ଏହିସବୁ ମିସନ୍ ବା ଅଭିଯାନରେ ୧୨ ଜଣ ମଣିଷ, ୭ଟି ରୋଭର ଓ ୪,୧୨,୦୦୦ ପାଉଣ୍ଡ ବା ୧,୮୭,୦୦୦ କିଲୋଗ୍ରାମ୍ ପରିତ୍ୟକ୍ତ ସାମଗ୍ରୀ ଚନ୍ଦ୍ରପୃଷ୍ଠକୁ ପହଞ୍ଚିସାରିଛି । ହିସାବ କଲେ ଏହା ଏକ ବୋଇଂ-୭୪୭ ଯାତ୍ରୀବାହୀ ବିମାନର ଓଜନ ସହ ସମାନ ହେବ। ନିକଟରେ ୟୁରୋପୀୟ ସ୍ପେସ୍ ଏଜେନ୍‌ସିର ଅଧିକାରୀ ଏଡାନ୍ କାଉଲି 'ପପୁଲାର ସାଇନ୍‌ସ' ପତ୍ରିକାକୁ କହିଛନ୍ତି ଯେ, ଚନ୍ଦ୍ରରେ ମହାକାଶ ବର୍ଜ୍ୟବସ୍ତୁର ସିଂହଭାଗ ହେଉଛି ଚନ୍ଦ୍ର ଅଭିଯାନରେ ଯାଇଥିବା ପୁରୁଣା ଲ୍ୟାଣ୍ଡିଂ ଗିଅର। 'ନାସା'ର ଆପୋଲୋ ମିସନ୍ ଭଳି ପ୍ରାରମ୍ଭିକ ଚନ୍ଦ୍ର ମିସନ୍‌ଗୁଡ଼ିକରେ ପୁନଃବ୍ୟବହାର ହୋଇପାରୁ ନଥିବା ମଡ୍ୟୁଲ୍ ବ୍ୟବହାର ହେଉଥିଲା। ମଡ୍ୟୁଲ୍‌ର ଉପର ଅଂଶ ଚନ୍ଦ୍ର କକ୍ଷପଥକୁ ଫେରି କମାଣ୍ଡ୍ ମଡ୍ୟୁଲ୍ ସହ ପୃଥିବୀକୁ ଫେରିଆସିଲେ ବି ଏହି ଯାନର ମୂଳ ଅଂଶ ସେଠାରେ ହିଁ ରହିଯାଏ। ଚନ୍ଦ୍ରପୃଷ୍ଠ ଅନୁସନ୍ଧାନରେ ବ୍ୟବହୃତ ଉଭୟ ମାନବଚାଳିତ ଓ ମାନବବିହୀନ ଯାନଗୁଡ

32 YEARS
ସମୟ କଳିଙ୍ଗ
ଭୁବନେଶ୍ୱର, ୨୫ ନଭେମ୍ବର, ବୁଧବାର, ୨୦୨୬
ପୃଷ୍ଠା – ୬

ଆଜିଠୁ କଳିଙ୍ଗ ଷ୍ଟାଡ଼ିୟମରେ ବିମ୍‌ଷ୍ଟେକ୍ ୨୩ ବର୍ଷରୁ କମ୍ ଆଥଲେଟିକ୍ସ



ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି ବିମଷ୍ଟେକ୍ (ବିଆଇଏମ୍-ଏସ୍‌ଟିଇସି) ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ। କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ସହଯୋଗରେ ଭାରତୀୟ ଆଥଲେଟିକ୍ ସଂଘ (ଏଏଫ୍‌ଆଇ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି କ୍ରୀଡ଼ା ହେବାକ ଯାଉଛି। କଳିଙ୍ଗ ଷ୍ଟାଡିୟମରେ ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଦଳ ଭୁବନେଶ୍ୱର ପହଞ୍ଚିଛନ୍ତି। ନେପାଳ ଓ ମ୍ୟାଁମାର ଦଳ ମଙ୍ଗଳବାର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା।

ଦକ୍ଷିଣ ଏସିଆର ୭ଟି ଦେଶର ଯୁବ ଆଥଲେଟମାନେ ଏହି ପ୍ରତିଯୋଗିତାରେ ଭାଗ ନେବେ। ଆୟୋଜକ ଭାରତ ସମେତ ଥାଇଲାଣ୍ଡ, ଶ୍ରୀଲଙ୍କା, ନେପାଳ, ଭୁଟାନ, ବାଂଲାଦେଶ ଓ ମ୍ୟାଁମାରର ୨୩ ବର୍ଷରୁ କମ୍ ଆଥଲେଟମାନେ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ପୁରୁଷ ଓ ମହିଳାରେ ମୋଟ୍ ୧୪ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଏଥିସହିତ ପୁରୁଷ ଓ ମହିଳାରେ ୪ ଗୁଣା ୧୦୦ ମିଟର ଏବଂ ୪ ଗୁଣା ୪୦୦ ମିଟର ରିଲେ ମଧ୍ୟ ସାମିଲ ରହିଛି। ଗତ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଜୟପୁରରେ ଆୟୋଜିତ ୬ଷ୍ଠ ଇଣ୍ଡିଆନ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଏବଂ ଚେନ୍ନାଇରେ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୪୧ତମ ଜାତୀୟ ଜୁନିୟର ଆଥଲେଟିକ୍ସରୁ ଏଏଫ୍‌ଆଇ ଦଳ ଚୟନ କରିଛି। ୯୫ ଜଣିଆ ଭାରତୀୟ ଦଳ ପ୍ରତିଯୋଗିତାରେ ଭାଗ ନେବେ। ଏଥିରେ ୪୮ ଜଣ ପୁରୁଷ ଓ ୪୭ ଜଣ ମହିଳା ସାମିଲ ରହିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଥଲେଟମାନେ ମୁଖ୍ୟ ଷ୍ଟାଡିୟମ ସହ ଅଭ୍ୟାସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ପୂର୍ବରୁ ଓଡ଼ିଶା ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍, ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ଓ ରୌପ୍ୟ ପ୍ରତିଯୋଗିତାକୁ ବେଶ୍ ସଫଳତାର ସହ ଆୟୋଜନ କରିଛି। ପୁଣି ୨୦୨୮ରେ ଏସିଆନ ଇନଡୋର ଆଥଲେଟିକ୍ସ ଏବଂ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଆୟୋଜନ କରିବା ନେଇ ପ୍ରସ୍ତୁତ ହେଉଛି।

୫୨ ବଲରେ ଦ୍ୱିଶତକ : ନୂଆ ବିଶ୍ୱ ରେକର୍ଡ କଲେ ବୈଭବ ସୂର୍ଯ୍ୟବଂଶୀ

ସେମିରେ ସ୍ଥାନ କଲା ପକ୍କା ଇଣ୍ଡିଆ-ଏ

ଦୋହା

ମଙ୍ଗଳବାର ଖେଳାଯାଇ ଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ସର ୧୧ ତମ ମ୍ୟାଚରେ ଇଣ୍ଡିଆ-ଏ ୟୁଏଇକୁ ୭ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ୟୁଏଇ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବୈଭବ ସୂର୍ଯ୍ୟବଂଶୀ ପ୍ରଥମ ଓଭରରୁ ହିଁ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ। ସେ ମାତ୍ର ୧୬ ବଲରେ ଅର୍ଦ୍ଧଶତକ ହାସଲ କରିବା ପରେ ୨୮ ବଲରେ ଦ୍ରୁତତମ ଶତକ ପୂରଣ କରିଥିଲେ ଏବଂ ପରେ ୫୨ ବଲରେ ଦିନିକିଆ କ୍ରିକେଟର ଦ୍ରୁତତମ ଦ୍ୱିଶତକ ହାସଲ କରି ବିଶ୍ୱ ରେକର୍ଡ ନିଜ ନାଁରେ କରିଛନ୍ତି। ତାଙ୍କର ଏହି ବିସ୍ଫୋରକ ପାଳି ବଳରେ ଇଣ୍ଡିଆ-ଏ ମାତ୍ର ୧୪.୨ ଓଭରରେ ବିଜୟ ଲକ୍ଷ୍ୟ



ହାସଲ କରି ନେଇଛି। ବୈଭବ ୫୩ ବଲରେ ୨୮ଟି ଛକା ଏବଂ ୭ଟି ଚୌକା ସହାୟତାରେ ଦ୍ୱିଶତକୀୟ ପାଳି ଖେଳିଥିଲେ। ଏହି ବିଜୟ ସହ ଇଣ୍ଡିଆ-ଏ ସେମିଫାଇନାଲରେ ନିଜର ସ୍ଥାନ ଅକ୍ତିଆର କରିଛି।

୨୫୦ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଇଣ୍ଡିଆ-ଏ କୁ ବୈଭବ ସୂର୍ଯ୍ୟବଂଶୀ ଧମାକାଦାର ଆରମ୍ଭ ଦେଇଥିଲେ। ଅଭିଷେକ ଏବଂ ବୈଭବଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୬୮ ରନର ପାର୍ଟନରସିପ୍ ହୋଇଥିଲା। ବୈଭବ ୧୬ ବଲରେ ନିଜର ଅର୍ଦ୍ଧଶତକ ପୂରଣ କରି ଥିଲେ। ଅଭିଷେକ ୫ ବଲରେ ୧୨ ରନ୍ କରି ଆଉଟ୍ ହୋଇଥିବା ବେଳେ ପ୍ରଭସିମରନ ୪ ବଲରେ ମାତ୍ର ୩ ରନ୍ କରି ପାରିଥିଲେ। ଏହାପରେ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨୮ ବଲରେ ଶତକ ଜଡ଼ି ଦିନିକିଆରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର ପାଲଟି ଥିଲେ। ଏତିକିରେ ସେ ଅଟକି ନଥିଲେ, ପରବର୍ତ୍ତୀ ସମୟରେ ମାତ୍ର ୫୨ ବଲରେ ଦ୍ରୁତତମ ଦ୍ୱିଶତକ ମଧ୍ୟ ପୂରଣ କରିଥିଲେ। ସେ ୫୩ ବଲରେ ୨୮ଟି ଛକା ଓ ୭ଟି ଚୌକା ମାରି ଆଉଟ୍ ହୋଇଥିଲେ। ଶେଷରେ ରିଙ୍କୁ ସିଂହ ଛକା ମାରି ଦଳକୁ ବିଜୟ ଭେଟି ଦେଇଥିଲେ। ରିଙ୍କୁ ୧୯ ବଲରେ ଅପରାଜିତ ୨୭ ରନ୍ ସଂଗ୍ରହ କରିଥିଲେ।

ଦ୍ୱିତୀୟ ଟେଷ୍ଟ ପାଇଁ ୩ଟି ବଡ଼ ପରିବର୍ତ୍ତନ କଲେ ଗିଲ୍

ନୂଆଦିଲ୍ଲୀ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ। ନଭେମ୍ବର ୨୭ରୁ ଏହି ମୁକାବିଲା ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ଦିନରେ ନ୍ୟୁଜିଲାଣ୍ଡ ବ୍ୟାଟର୍ସମାନେ ଲଢୁଆ ଇନିଂସ ଖେଳି ମ୍ୟାଚ୍‌କୁ ଡ୍ର' କରାଇବାରେ ସଫଳ ହୋଇଥିଲେ। ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟରମାନେ ସମ୍ପୂର୍ଣ୍ଣ ଭାବେ ଦବ୍‌ଦବା ଜାହିର କରିଥିଲେ। ହେଲେ ବୋଲିଂରେ କିଛି ଦୁର୍ବଳତା ଦେଖିବାକୁ ମିଳିଥିଲା। ଏହି କାରଣରୁ ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳର ପ୍ଲେଇଂ ଇଲେଭେନରେ ୩ଟି ବଡ଼ ପରିବର୍ତ୍ତନ ହୋଇପାରେ। ଭାରତୀୟ ଦଳର ବ୍ୟାଟିଂ କ୍ରମରେ କୌଣସି ପରିବର୍ତ୍ତନର ଆବଶ୍ୟକତା ଥିବା ଭଳି ମନେ ହେଉନାହିଁ। ପ୍ରଥମ ଟେଷ୍ଟରେ ୱାଶିଂଟନ ସୁନ୍ଦର ବୋଲିଂରେ ବିଶେଷ ପ୍ରଭାବ ପକାଇ ପାରିନଥିଲେ। ତେଣୁ ତାଙ୍କ ସ୍ଥାନରେ ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜାଙ୍କୁ ଦଳରେ ସାମିଲ କରାଯାଇପାରେ। ସେହିପରି ପ୍ରଥମ ଟେଷ୍ଟରେ ଖରାପ ପ୍ରଦର୍ଶନ ପରେ ପ୍ରସିଦ୍ଧ କୃଷ୍ଣାଙ୍କୁ ଦଳରୁ ବାଦ ଦିଆଯାଇପାରେ। ତାଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ସୁଯୋଗ ମିଳିପାରେ। ଏହାବ୍ୟତୀତ ଗୁରନୂର ବରାଡ଼ଙ୍କୁ ମଧ୍ୟ ଖେଳିବାର ସୁଯୋଗ ମିଳିପାରେ। ଅଂଶୁଲ କାମ୍ବୋଜ ଓ ଆକାଶ ଦୀପ ଉଭୟ ପ୍ରଥମ ଟେଷ୍ଟ ଖେଳିଥିଲେ। ତେବେ ଦ୍ୱିତୀୟ ଟେଷ୍ଟରେ ଏହି ଦୁଇ ଜଣଙ୍କ ମଧ୍ୟରୁ କାହାକୁ ଜଣଙ୍କୁ ବାହାରେ ବସିବାକୁ ପଡ଼ିପାରେ।

ଟିମ୍ ଇଣ୍ଡିଆର ସମ୍ଭାବ୍ୟ ପ୍ଲେଇଂ ଇଲେଭେନ : ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ଦେବଦତ୍ତ ପଡ଼ିକଲ, ଶୁଭମନ ଗିଲ (ଅଧିନାୟକ), ରିଷଭ ପନ୍ତ, ରବୀନ୍ଦ୍ର ଜାଡ଼େଜା, ଧ୍ରୁବ ଜୁରେଲ, ଅଂଶୁଲ କାମ୍ବୋଜ/ଆକାଶ ଦୀପ, ଯଶପ୍ରୀତ ବୁମ୍‌ରା, ଗୁରନୂର ବରାଡ଼, ମହମ୍ମଦ ସିରାଜ।

୬୩ତମ ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗିତା



ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ଅତୀତର ନୌବାଣିଜ୍ୟ ସ୍ମୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିଥାଏ ଏବଂ ଓଡ଼ିଶାର ବଣିକ ପୁଅ ଓ ନାବିକମାନଙ୍କ ଦକ୍ଷତା କୌଶଳ ପ୍ରମାଣ କରେ ନୌକା ଚାଳନା ପ୍ରତିଯୋଗିତା। ସୋନପୁର ଭଗବତ୍ ପାଠାଗାର ପକ୍ଷରୁ ୬୩ତମ ରାଜ୍ୟ ସ୍ତରୀୟ ନୌକା ପ୍ରତିଯୋଗିତା ଓ ବାଳକ ଭୋଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୭ଟି ଜିଲ୍ଲାରୁ ୬୦ ଯୋଡ଼ି ସମୁଦାୟ ୧୨୦ ପ୍ରତିଯୋଗୀ ଏଠାରେ ଭାଗ ନେଇଥିବା ବେଳେ ପ୍ରଥମେ ୫ ଗୋଟି ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରୁ ୧୦ଟି ଯୋଡ଼ିଙ୍କୁ ଫାଇନାଲ ରାଉଣ୍ଡ ପାଇଁ ମନୋନୀତ କରାଯାଇଥିଲା। ଶେଷ ରାଉଣ୍ଡରେ ୧୦ଟି ଯୋଡ଼ିଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ ବିଜେତା ହୋଇଥିଲେ ସମ୍ବଲପୁର ଜିଲ୍ଲାର ବିଶ୍ୱନାଥ ଦଣ୍ଡସେନା ଓ ବିକାଶ ସାହୁ। ଦ୍ୱିତୀୟ ବିଜେତା ହେଲେ ସୁବର୍ଣ୍ଣପୁର ଜିଲ୍ଲାର ସୁଜିତ ତରିଆ ଓ ଅଭି ବେହେରା। ତୃତୀୟ ବିଜେତା ହେଲେ ବୌଦ୍ଧ ଜିଲ୍ଲାର ସତ୍ୟ ନାରାୟଣ ବେହେରା ଓ ରାଜୀବ ଭୁକ୍ତା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହ ଯୋଗ ଦେଇ ଏହି ଐତିହାସିକ ଡେଙ୍ଗୁଳିଘାଟ ଓ ଲଙ୍କେଶ୍ୱରୀ ପୀଠର ବିକାଶ ସହିତ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ପ୍ରୟାସ ଜାରି ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଏସ୍‌ପି ନାରାୟଣ ନାଏକ, ଏଡିଏମ୍ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ଡ. ସୌମ୍ୟ ରୁପା ରଥ, ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ସାହୁ, ସମାଜ ସେବୀ ଅରବିନ୍ଦ ବାରିକ, ବିଜେପି ନେତା ସାନନ୍ଦ ବାରିକ୍, ଯୁବନେତା ଅମୀୟ ରଞ୍ଜନ ଦାଶ ଯୋଗ ଦେଇ ଜିଲ୍ଲାପାଳଙ୍କ ସମେତ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିବା ବେଳେ ଭାଗବତ ପାଠାଗାର ସମ୍ପାଦକ ପବିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୁନୁ ବେହେରା ଅତିଥିଙ୍କୁ ସ୍ୱାଗତ କରି ସଭା ସାଙ୍ଗ କରିଥିଲେ।

ପ୍ରିୟାଂଶଙ୍କ ବିସ୍ଫୋରକ ବ୍ୟାଟିଂ : ଭାଙ୍ଗିଲେ କ୍ରିସ୍ ଗେଲ୍‌ଙ୍କ ମହାରେକର୍ଡ

ନୂଆଦିଲ୍ଲୀ

ମଙ୍ଗଳବାର ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୬-୨୭ରେ ଦିଲ୍ଲୀ ଏବଂ ତାମିଲନାଡୁ ମଧ୍ୟରେ ଏକ ମୁକାବିଲା ହୋଇଛି। ଇଦୋରର ଡେଲି କଲେଜ ଗ୍ରାଉଣ୍ଡରେ ଆୟୋଜିତ ଏଲିଟ୍ ଗ୍ରୁପ୍ ବି-ର ଏହି ମ୍ୟାଚ୍‌ରେ ଦିଲ୍ଲୀ ଅଧିନାୟକ ପ୍ରିୟାଂଶ ଆର୍ଯ୍ୟଙ୍କ ନୂଆ ଇତିହାସ ରଚିଛନ୍ତି। ପ୍ରିୟାଂଶ ଏହି ମ୍ୟାଚରେ ୬୮ଟି ବଲରେ ୧୮୧ ରନ ସ୍କୋର କରିଛନ୍ତି। ଏଥିରେ ୧୯ଟି ଛକା ଏବଂ ୭ଟି ଚୌକା ସାମିଲ ରହିଛି।

ଟି୨୦ କ୍ରିକେଟ୍ ଇତିହାସରେ କୌଣସି ବ୍ୟାଟ୍‌ସମ୍ୟାନଙ୍କ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର ହୋଇଛି। ଏହି କ୍ଷେତ୍ରରେ ଦକ୍ଷିଣ ଆଫ୍ରିକାର ଲୁଆନ-ଡ୍ରେ ପ୍ରିଟୋରିୟସ ପ୍ରଥମ ସ୍ଥାନରେ ଅଛନ୍ତି। ଯିଏକି ଚଳିତ ବର୍ଷ ଟାଇଟନ୍ସ ପକ୍ଷରୁ ନାଇଟ୍ସ ବିପକ୍ଷରେ ଅପରାଜିତ ୧୮୮ ରନ କରିଥିଲେ। ପ୍ରିୟାଂଶ ଭେଟେରାନ୍ ଖେଳାଳି କ୍ରିସ୍ ଗେଲଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି, ଯିଏ ଏପ୍ରିଲ ୨୦୧୩ରେ ପୁଣେ ୱାରିୟର୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଅପରାଜିତ ୧୭୫ ରନ କରିଥିଲେ। ପ୍ରିୟାଂଶ ବର୍ତ୍ତମାନ ଭାରତରେ ସବୁଠାରୁ ବଡ଼ ଟି୨୦ ଇନିଂସ ଖେଳିଥିବା ବ୍ୟାଟର ପାଲଟିଛନ୍ତି। ଏହି



ମାମଲାରେ ମଧ୍ୟ ସେ ଗେଲଙ୍କୁ ହିଁ ପଛରେ ପକାଇଛନ୍ତି।

ଏହା ସହିତ ବାମହାତୀ ବ୍ୟାଟ୍‌ସମ୍ୟାନ ପ୍ରିୟାଂଶ ଆର୍ଯ୍ୟ ବର୍ତ୍ତମାନ ସୟଦ ମୁସ୍ତାକ ଅଲି ଟ୍ରଫିରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ବ୍ୟାଟ୍‌ସମ୍ୟାନ ପାଲଟିଛନ୍ତି। ପ୍ରିୟାଂଶ ତିଲକ ବର୍ମାଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ତିଲକ ନଭେମ୍ବର ୨୦୨୪ରେ ହାଇଦ୍ରାବାଦ ପକ୍ଷରୁ ମେଘାଳୟ ବିପକ୍ଷରେ ୧୫୧ ରନର ଇନିଂସ ଖେଳିଥିଲେ। ପ୍ରିୟାଂଶ ବର୍ତ୍ତମାନ ଟି୨୦ କ୍ରିକେଟରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଭାରତୀୟ ବ୍ୟାଟ୍‌ସମ୍ୟାନ ମଧ୍ୟ ହୋଇଯାଇଛନ୍ତି। ପ୍ରିୟାଂଶ କେଏଲ ରାହୁଲଙ୍କୁ ମଧ୍ୟ ପଛରେ ପକାଇଛନ୍ତି, ଯିଏକି ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଅପରାଜିତ ୧୫୨ ରନ୍ କରିଥିଲେ।

ପ୍ରିୟାଂଶ ଆର୍ଯ୍ୟ ବର୍ତ୍ତମାନ କୌଣସି ଟି୨୦ ମ୍ୟାଚ୍‌ରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍‌ସମ୍ୟାନଙ୍କ ତାଲିକାରେ ମିଳିତ ଭାବେ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡର ଫିନ୍ ଆଲେନ୍ ସାନ ଫ୍ରାନ୍ସିସ୍କୋ ୟୁନିକର୍ଣ୍ଣସ ପକ୍ଷରୁ ୱାଶିଂଟନ ଫ୍ରିଡମ ବିପକ୍ଷ ମ୍ୟାଚ୍‌ରେ ୧୯ଟି ଛକା ମାରିଥିଲେ। ପ୍ରିୟାଂଶ ଏହି ସମୟରେ ନିଜର ଶତକ ମାତ୍ର ୩୬ଟି ବଲରେ ପୂରଣ କରିଥିଲେ। ଏହା ପ୍ରିୟାଂଶଙ୍କ ଟି୨୦ କ୍ୟାରିୟରର ତୃତୀୟ ଶତକ ଥିଲା।

ଦଶମ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡ୍‌ମିଣ୍ଟନ ସଂଘ (କେଡ଼ିବିଏଇଏ) ଆନୁକୂଲ୍ୟରେ ଖୋର୍ଦ୍ଧାସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଦଶମ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉତ୍ସାହ, ଉଦ୍ଦୀପନା ଓ କ୍ରୀଡ଼ାବିତ୍‌ଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି।

ଏହି ପ୍ରତିଯୋଗିତାର ରାଜ୍ୟସ୍ତରୀୟ ସିନିୟର ଡବଲ୍ସ ବର୍ଗରେ ବଲାଙ୍ଗୀରର ସରୋଜ ଭୋଇ ଓ ମେହମୁଦ୍ ଇରଫାନ୍ ଚାମ୍ପିଅନ୍ ହୋଇ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ହାସଲ କରିଥିବାବେଳେ ଅନୁଗୁଳର ତନ୍ମୟ କୁମାର ସାହୁ ଓ ଅଭିଜିତ ମହାରଣା ରନର୍ସଅପ୍ ହୋଇ ଟ୍ରଫି ସହ ନଗଦ ଅର୍ଥରାଶି ଗ୍ରହଣ କରିଥିଲେ। ସେହିପରି ଜିଲ୍ଲାସ୍ତରୀୟ ସିନିୟର ଡବଲ୍ସ ବର୍ଗରେ ଖୋର୍ଦ୍ଧାର ରଜତ ରଣସିଂହ ଓ କାହ୍ନା ଘଡ଼େଇ ଚାମ୍ପିଅନ୍ ହୋଇଥିବାବେଳେ ଖୋର୍ଦ୍ଧାର ପଦାରବିନ୍ଦ ଜେନା ଓ ଆଶିଷ ନାୟକ ରନର୍ସଅପ୍ ହୋଇଥିଲେ। ଉଭୟ ବିଜୟୀ ଓ ଉପବିଜୟୀ ଯୋଡ଼ି ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ଗ୍ରହଣ କରିଥିଲେ।

ଅଣ୍ଡର-୧୩ ବାଳକ ସିଙ୍ଗଲ୍ସ ବର୍ଗରେ ଖୋର୍ଦ୍ଧାର କେ. ତନିଶ କୁମାର ଚମ୍ପିଆନ୍ ହୋଇଥିବାବେଳେ ବାଣପୁରର ତେଜସ କୁମାର ପଲେଇ ରନର୍ସଅପ୍ ହୋଇ ଆକର୍ଷଣୀୟ ଟ୍ରଫି ହାସଲ କରିଥିଲେ। ମହିଳା ସିନିୟର ସିଙ୍ଗଲ୍ସ ବର୍ଗରେ ସ୍ୱାତି ସୋରେନ୍ ଚାମ୍ପିଅନ୍ ହୋଇଥିବା ବେଳେ ପ୍ରିୟତମା ସାହୁ ରନର୍ସଅପ୍ ହୋଇ ଆକର୍ଷଣୀୟ ଟ୍ରଫି ଗ୍ରହଣ କରିଥିଲେ।ଏଠାରେ ସୂଚନା ଯୋଗ୍ୟ ଏହି ଟୁର୍ନାମେଣ୍ଟ କୁ ୱାଇ ପି ପରମାର ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡ୍‌ମିଣ୍ଟନ ସଂଘର ସଭାପତି ତଥା ଖୋର୍ଦ୍ଧା ର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ରାଜେଶ ଦାସଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି କୃତୀ ଖେଳାଳିମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।

ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଭାବାନ ଖେଳାଳିମାନଙ୍କୁ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ମିଳିଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ବ୍ୟାଡମିଣ୍ଟନ କ୍ରୀଡ଼ାର ପ୍ରସାର ଓ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବା ଦିଗରେ ଏହି ଆୟୋଜନ ଏକ ସଫଳ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବିଭାଗରେ ବାଜି ମାରିଲା ଗଜପତି

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଓ ମୟୂରଭଞ୍ଜ ଶିକ୍ଷା ବିଭାଗର ସହଯୋଗରେ ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କବାର୍ଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ଫାଇନାଲ ମ୍ୟାଚ୍‌ରେ ବାଳିକା ବିଭାଗରେ ଗଜପତି କଟକକୁ ପରାସ୍ତ କରି ଚାମ୍ପିଅନ ହୋଇଥିବା ବେଳେ ବାଳକ ବିଭାଗରେ ଗଜପତି ସୁନ୍ଦରଗଡ଼କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଦୁଃଖବନ୍ଧୁ ନାୟକ ଉଭୟ ଦଳକୁ ଚାମ୍ପିଅନ ଓ ରନର୍ସଅପ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ସପନ କୁମାର ଜେନା, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ନଭେମ୍ବର, ୨୦୨୬ ବୁଧବାର



ପୃଷ୍ଠା-୭







କଟକ : ଐତିହାସିକ ବାଲିଯାତ୍ରାର ଉଦ୍‌ଘାଟନ ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ନୌବିହାର କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖୁଛନ୍ତି। (ଫଟୋ : ସମ୍ବାଦ କଳିକା)

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସାଧବପୁଅଙ୍କ...

ନୌବାଣିଜ୍ୟ ପରମ୍ପରା ଅତ୍ୟନ୍ତ ଗୌରବମୟ। ଏକଦା ନୌବାଣିଜ୍ୟ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନରେ ରହିଥିଲା। ସାଧବପୁଅମାନେ ଅନେକ ବାଧାବିଘ୍ନ ଓ ବିପଦକୁ ସାମ୍ନା କରି ସମୁଦ୍ର ପଥରେ ବିଦେଶକୁ ଯାତ୍ରା କରୁଥିଲେ। ସେମାନଙ୍କ ସାହସ, ଉଦ୍ୟମ, ଦୂରଦୃଷ୍ଟି ଓ ବାଣିଜ୍ୟିକ ଦକ୍ଷତାରୁ ଆଜିର ଯୁବପିଢ଼ି ଅନେକ କିଛି ଶିଖିପାରିବେ ବୋଲି ସେ ମତ ଦେଇଥିଲେ। ଓଡ଼ିଶାର ଆଗାମୀ ଭବିଷ୍ୟତ ସମ୍ପର୍କରେ ଆଶା ପ୍ରକାଶ କରି ରାଷ୍ଟ୍ରପତି କହିଥିଲେ, ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂରଣ କରିବ। ଏହି ଐତିହାସିକ ମାଇଲଖୁଣ୍ଟ ପୂର୍ବରୁ ରାଜ୍ୟ ବିକାଶର ନୂଆ ଶିଖର ଛୁଇଁବା ଆବଶ୍ୟକ। ଆଗାମୀ ଦିନରେ ଓଡ଼ିଶା ଦେଶର ଏକ ପ୍ରମୁଖ ଶିଳ୍ପ ହବ୍ ଭାବେ ଉଭା ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ସ୍ମରଣ କରିଥିଲେ ରାଷ୍ଟ୍ରପତି। ୧୯୦୪ ମସିହାରେ କଟକରେ ମଧୁବାବୁ ପ୍ରତିଷ୍ଠା କରିଥିବା 'ଉତ୍କଳ ଟ୍ୟାନେରୀ' ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ଉଦ୍ୟୋଗ ଓ ଆତ୍ମନିର୍ଭରଶୀଳତାର ଏକ ପ୍ରେରଣାଦାୟୀ ଉଦାହରଣ ବୋଲି ସେ ଉଲ୍ଲେଖ କରିଥିଲେ। ନିଜ ଉଦ୍ୟମ ଓ ଦୂରଦୃଷ୍ଟି ବଳରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାରେ ମଧୁବାବୁଙ୍କ ଭୂମିକା ଆଜି ମଧ୍ୟ ସ୍ମରଣୀୟ ବୋଲି ସେ କହିଥିଲେ। ସେହିପରି ଓଡ଼ିଶାର ସ୍ଥାନୀୟ ଉତ୍ପାଦକୁ ଜାତୀୟ ସ୍ତରରେ ପରିଚିତ କରାଇବା ଦିଗରେ କନ୍ଧମାଳ ହଳଦୀ ଓ କୋରାପୁଟ କଫିର ଉଦାହରଣ ଦେଇଥିଲେ ରାଷ୍ଟ୍ରପତି। ଏହି ଦୁଇଟି ଉତ୍ପାଦ ଆଜି ଦେଶବ୍ୟାପୀ ପରିଚିତି ହାସଲ କରିଛି। ଓଡ଼ିଶାର ସ୍ଥାନୀୟ ଉତ୍ପାଦ, କୃଷି ଓ ଉଦ୍ୟୋଗରେ ଥିବା ସମ୍ଭାବନାକୁ ଆହୁରି ଆଗକୁ ନେବାର ଆବଶ୍ୟକତା ରହିଛି ବୋଲି ତାଙ୍କ ଅଭିଭାଷଣରେ ପ୍ରତିଫଳିତ ହୋଇଥିଲା। ଓଡ଼ିଶା ଓ ବାଲି ଦ୍ୱୀପ ମଧ୍ୟରେ ରହିଥିବା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କକୁ ମଧ୍ୟ ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ। ବାଲି ଦ୍ୱୀପ ସହ ଓଡ଼ିଶା ସରକାରଙ୍କ ସହଯୋଗ ଓ ସାଂସ୍କୃତିକ ଆଦାନପ୍ରଦାନ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ଏହା ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ସମ୍ପର୍କକୁ ପୁନର୍ଜୀବିତ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ସାଂସ୍କୃତିକ ପରିଚୟକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି। ନିଜ ଅଭିଭାଷଣର ଶେଷ ଭାଗରେ ପରିବେଶ ସୁରକ୍ଷା ଓ ନଦୀର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ ରାଷ୍ଟ୍ରପତି। ନଦୀ ଆମ ମାଆ, ତେଣୁ ତାକୁ ପ୍ରଦୂଷିତ କରିବା ଉଚିତ ନୁହେଁ ବୋଲି ସେ କହିଥିଲେ। ବାଲିଯାତ୍ରା ଭଳି ବୃହତ୍ ମେଳା ଆୟୋଜନ ପରେ ମହାନଦୀ ଓ ଏହାର ପରିବେଶକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ। ନଦୀରେ ଆବର୍ଜନା ନ ପକାଇବା ସହ ଏହାର ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୋସ ଉପସ୍ଥିତ ଥିଲେ। ଏଥିସହ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେଇଥିଲେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ଓ ଅଭିଭାଷଣ ବାଲିଯାତ୍ରାକୁ କେବଳ ଏକ ଉତ୍ସବ ଭାବେ ନୁହେଁ, ବରଂ ଓଡ଼ିଶାର ଅତୀତର ଗୌରବ, ବର୍ତ୍ତମାନର ସମ୍ଭାବନା ଓ ଭବିଷ୍ୟତର ବିକାଶକୁ ଯୋଡ଼ିବାର ଏକ ମଞ୍ଚ ଭାବେ ପରିଚିତ କରାଇଛି।

ଦେଶର ଅଗ୍ରଣୀ...

ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଦୂରଦେଶକୁ ନେଇଥିଲେ, ଯାହାର ପ୍ରଭାବ ଆଜି ବି ଇଣ୍ଡୋନେସିଆର ବାଲି ଦ୍ୱୀପରେ ପାଳିତ 'ମାସାକପାନ କେ ତୁକାଦ' ଏବଂ ଥାଇଲାଣ୍ଡର 'ଲୟ କ୍ରାଥୋଙ୍ଗ' ପର୍ବରେ ଦେଖିବାକୁ ମିଳେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଞ୍ଜି ନିବେଶ, ବନ୍ଦର କ୍ଷମତା ଓ 'ସମୃଦ୍ଧ ଓଡ଼ିଶା ୨୦୩୬' ଲକ୍ଷ୍ୟ ଗତ ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟକୁ ପୁଞ୍ଜି ନିବେଶର ହବ୍ ଭାବେ ଗଢ଼ି ତୋଳିବା ପାଇଁ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ସମେତ ସିଙ୍ଗାପୁର ଓ ୟୁଏଇ ଭଳି ଦେଶ ଓ ସହରକୁ ଯାଇ ନିବେଶ ଆକର୍ଷଣ କରାଯାଇଛି। ମୋଟ ୨୩.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମଧ୍ୟରୁ ୩.୫ ଲକ୍ଷ କୋଟି ଟଙ୍କାର ୨୦୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଯେଉଁଥିରେ ୨.୬୫ ଲକ୍ଷ କୋଟି ଟଙ୍କାର ୧୪୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୮୫ ହଜାର କୋଟି ଟଙ୍କାର ୫୫ଟି ପ୍ରକଳ୍ପର ଉଦ୍‌ଘାଟନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୨.୮୩ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ଏହାର ଏକ ସିଂହଭାଗ ପାରାଦୀପ ଅଞ୍ଚଳକୁ ଆସିଥିବାରୁ ଆଗାମୀ କିଛି ବର୍ଷରେ ପାରାଦୀପ ସମଗ୍ର ଦେଶର ଏକ ଅଗ୍ରଣୀ ବ୍ୟବସାୟିକ ଓ ଔଦ୍ୟୋଗିକ ଅଞ୍ଚଳ ଭାବେ ପରିଗଣିତ ହେବ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାଗରମାଳା, ପିଏମ୍ ଗତି ଶକ୍ତି, ଜାତୀୟ ଲଜିଷ୍ଟିକ୍ସ ନୀତି ଏବଂ 'ମାରିଟାଇମ୍ ଅମୃତ କାଳ ଭିଜନ୍ ୨୦୪୭' ବନ୍ଦର, ରେଳପଥ ଓ ସଡ଼କ ସଂଯୋଗକୁ ଏକତ୍ର କରିବାରେ ସହାୟକ ହେଉଛି। ୨୦୨୫–୨୬ରେ ଭାରତର ବନ୍ଦରଗୁଡ଼ିକ ପ୍ରାୟ ୧,୭୦୦ ନିୟୁତ ଟନ୍ ପଣ୍ୟ କାରବାର କରିଥିବା ବେଳେ ୨୦୨୬ ଅକ୍ଟୋବରରେ ଭାରତର ପଣ୍ୟ ରପ୍ତାନୀ ପ୍ରାୟ ୫୦ ବିଲିୟନ ଆମେରିକୀୟ ଡଲାର ଛୁଇଁ ରେକର୍ଡ ସୃଷ୍ଟି କରିଛି। ଦେଶର ଏହି ଅଗ୍ରଗତିରେ ପାରାଦୀପ ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରି ୨୦୨୩–୨୪ ଓ ୨୦୨୪–୨୫ରେ ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିବା ସହିତ ୨୦୨୫–୨୬ରେ ୧୫୬ ନିୟୁତ ଟନ୍‌ରୁ ଅଧିକ ପଣ୍ୟ କାରବାର କରିଛି ଏବଂ ୨୦୧୪–୧୫ ତୁଳନାରେ ଜାହାଜ ବର୍ଥ ପରିଚାଳିତ କାର୍ଗୋ ଦୈନିକ ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଛି। ସମାରୋହରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଯୁବପିଢ଼ି ହେଉଛନ୍ତି ଦକ୍ଷତା ଓ ସଶକ୍ତିକରଣର ପ୍ରତୀକ ଏବଂ କେବଳ ଦକ୍ଷ ଯୁବକମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ବୋଇତ ବନ୍ଦାଣ ହେଉଛି ଆମ ପୂର୍ବପୁରୁଷଙ୍କ ଦକ୍ଷତାର ପରିଚୟ, ଯାହା ଆଜି ରାଜ୍ୟର ଦ୍ରୁତ ଶିଳ୍ପ ବିକାଶରେ ପ୍ରତିଫଳିତ ହେଉଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ, ଉପାଧ୍ୟକ୍ଷ ଟି. ଭେନୁଗୋପାଳ, ବନ୍ଦରର ବରିଷ୍ଠ ଅଧିକାରୀ, କର୍ମଚାରୀ, ଟ୍ରେଡ୍ ୟୁନିଅନ୍ କର୍ମକର୍ତ୍ତା, ପାରାଦୀପବାସୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଆଇଡିବିଆଇ ...

ବ୍ୟବସ୍ଥା କରିବାକୁ ଆବେଦନରେ ଦାବି କରାଯାଇଥିଲା। ଆଇଡିବିଆଇ ବ୍ୟାଙ୍କରେ ଥିବା ୬୦% ଅଂଶଧନକୁ ସରକାର ଓ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) କାନାଡାର ଫେୟାରଫ୍ୟାକ୍ସକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ବୁଝାମଣା ରଦ୍ଦ କରିବାକୁ ବ୍ୟାଙ୍କ କର୍ମଚାରୀମାନେ ଦାବି କରୁଛନ୍ତି। ବିଭାଗୀୟ ସଚିବ ଅରୁଣିଷ ଚାୱଲା କହିଛନ୍ତି, ଶ୍ରମ ସଂହିତା ଅଧୀନରେ ସରକାର ଓ ଏଲ୍‌ଆଇସି ନିଯୁକ୍ତିଦାତା ନୁହନ୍ତି। ଆଇଡିବିଆଇ ବ୍ୟାଙ୍କ ହେଉଛି ନିଯୁକ୍ତିଦାତା। ଚୁକ୍ତି ନିୟମ ଅଧୀନରେ ସେୟାର କ୍ରୟ ବୁଝାମଣା ଆଧାରରେ ଏହି କାରବାର କରାଯାଉଛି।

ଭାରତୀୟ ବାୟୁସେନାରେ...

ନିର୍ମିତ ପ୍ରଥମ ସାମରିକ ବିମାନ । ବର୍ତ୍ତମାନ ବିମାନର ଶେଷ ପର୍ଯ୍ୟାୟ ଉଡ଼ାଣ ପରୀକ୍ଷଣ ଚାଲିଛି । ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍ ଓ ଏୟାରବସ୍ ମିଳିତ ଭାବେ ଏହାର ନିର୍ମାଣ କରୁଛନ୍ତି ।

ସଡ଼କ ଦୁର୍ଘଟଣାରେ...

ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ସେହିପରି ଚିକିତିର ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

ୟୁଏଇ ରାଜପଥରେ...

ଏକ୍ସରେ କରାଯାଇଥିବା ପୋଷ୍ଟରେ ଏହି ଦୁର୍ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି କୁହାଯାଇଛି। ୟୁଏଇ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଅନୁଯାୟୀ, ରାସ୍ ଅଲ୍ ଖେମାର ଅଲ୍ ୱତନ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରଥମେ ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ପରେ ହସ୍ପିଟାଲରେ ଚିକିତ୍ସାଧୀନ ଅନ୍ୟ ଦୁଇ ଆହତଙ୍କ ମୃତ୍ୟୁ ହେବାରୁ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଥିଲା।

୨୦୨୬ରେ ବିଶ୍ୱ ...

ପ୍ରସ୍ତୁତ ଏହି ମାନଚିତ୍ରରେ ଦକ୍ଷିଣ ଆମେରିକା ନିକଟ ପ୍ରଶାନ୍ତ ମହାସାଗରର ଏକ ଅଞ୍ଚଳରେ ଅସ୍ୱାଭାବିକ ଉତ୍ତାପ ଦେଖାଯାଇଛି। ତେବେ ୧୦ ଡିଗ୍ରୀର ଏହି ବୃଦ୍ଧି ସମଗ୍ର ପ୍ରଶାନ୍ତ ମହାସାଗରରେ ନୁହେଁ, ବରଂ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ। ମହାସାଗର ମଧ୍ୟଭାଗରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ ଅଧିକ ରହିଛି। ଏଲନିନୋ ହେଉଛି ପ୍ରାକୃତିକ ଜଳବାୟୁ ପରିବର୍ତ୍ତନର ଏକ ପ୍ରକ୍ରିୟା। ଏହି ସମୟରେ ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗର ଜଳପୃଷ୍ଠ ଅସ୍ୱାଭାବିକ ଭାବେ ଉତ୍ତପ୍ତ ହୋଇଥାଏ। ସାଧାରଣତଃ ପବନ ଉଷ୍ଣ ଜଳକୁ ପଶ୍ଚିମ ଦିଗକୁ ଠେଲିଥାଏ। କିନ୍ତୁ ଏହି ପବନ ଦୁର୍ବଳ ହେଲେ ଉଷ୍ଣ ଜଳ ପୂର୍ବ ଦିଗକୁ ବ୍ୟାପିଥାଏ। ଏହା ଫଳରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବର୍ଷା, ମରୁଡ଼ି ଓ ତାପମାତ୍ରାରେ ପରିବର୍ତ୍ତନ ଦେଖାଦିଏ। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ଏନ୍‌ଓଏଏ)ର ତଥ୍ୟ ଅନୁସାରେ, ଏଲନିନୋ ନିରୀକ୍ଷଣ ପାଇଁ ବ୍ୟବହୃତ ମଧ୍ୟ ପ୍ରଶାନ୍ତ ମହାସାଗରର ନିନୋ ୩.୪ ଅଞ୍ଚଳରେ ଜଳପୃଷ୍ଠ ତାପମାତ୍ରା ସ୍ୱାଭାବିକଠାରୁ ୨.୫ ଡିଗ୍ରୀ ଅଧିକ ହୋଇଛି।

ବାଲିରେ ଓଡ଼ିଶା-ଇଣ୍ଡୋନେସିଆ ପର୍ଯ୍ୟଟନ ବୈଠକ

ଐତିହାସିକ ନୌବାଣିଜ୍ୟ ପରମ୍ପରାରୁ ଆଧୁନିକ ସହଭାଗିତା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ଦୀର୍ଘଦିନର ଐତିହାସିକ, ସାଂସ୍କୃତିକ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ବାଲିଠାରେ ଇଣ୍ଡୋନେସିଆର 'ଇନଜର୍ଣ୍ଣି ଟୁରିଜିମ୍ ଡେଭଲପମେଣ୍ଟ କର୍ପୋରେସନ'ର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବା ସହ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବଂ ବାଲି ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ ଓଡ଼ିଶାର ଲକ୍ଷ୍ୟ ସମ୍ପର୍କରେ ଅବଗତ କରିଛନ୍ତି । ଏହି ବୈଠକରେ ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗର ନୂତନ ସମ୍ଭାବନା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଓଡ଼ିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ଶତାବ୍ଦୀ ପୁରୁଣା ନୌବାଣିଜ୍ୟ ଓ ସଭ୍ୟତାଗତ ସମ୍ପର୍କକୁ ଆଧାର କରି ପର୍ଯ୍ୟଟନ ପ୍ରଚାରପ୍ରସାର, ସାଂସ୍କୃତିକ ଆଦାନପ୍ରଦାନ, ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ସହଭାଗିତା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ଚିହ୍ନଟ କରିବା ଉପରେ ଏହି ଆଲୋଚନା କେନ୍ଦ୍ରିତ ଥିଲା । ଏହି ବୈଠକରେ 'ଦି ନୁସା ଦୁଆ'ର କମର୍ସିଆଲ ଓ ରିଲେସନ୍ସ ଉପସଭାପତି ସୁଶ୍ରୀ ମାଡେ ପୂର୍ଣ୍ଣିମା ଦମୟନ୍ତୀ, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡଃ ବିଜୟ କେତନ ଉପାଧ୍ୟାୟଙ୍କ ସମେତ ଇଣ୍ଡୋନେସିଆ ଓ ଓଡ଼ିଶାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଆସନ୍ତା ନଭେମ୍ବର ୨୪ ଓ ୨୫ ତାରିଖରେ ବାଲିର 'ଦି ମେରୁ ସାନୁର' ସ୍ଥିତ ବାଲି ବିଚ୍ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ହେବାକୁ ଥିବା 'ଓଡ଼ିଶା ପରବ ୨୦୨୬' ପରିପ୍ରେକ୍ଷୀରେ ଏହି ବୈଠକ ବିଶେଷ ଗୁରୁତ୍ୱ ବହନ କରୁଛି ।

ଐତିହାସିକ ବାଲିଯାତ୍ରାର ପରମ୍ପରାରୁ ଅନୁପ୍ରାଣିତ ଏହି ଅନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବ ପ୍ରାଚୀନ କଳିଙ୍ଗ ଓ ଇଣ୍ଡୋନେସିଆ ମଧ୍ୟରେ ଥିବା ସାମୁଦ୍ରିକ ସମ୍ପର୍କକୁ ସ୍ମରଣ କରିବା ସହ ଅନ୍ତର୍ଜାତୀୟ ଦର୍ଶକଙ୍କ ନିକଟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ ଏବଂ ଆଧୁନିକ ସୁଯୋଗଗୁଡ଼ିକୁ ପ୍ରଦର୍ଶିତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ରଖିଛନ୍ତି । 'ଓଡ଼ିଶା ପରବ'ରେ ରାଜ୍ୟର ପାରମ୍ପରିକ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ରନ୍ଧନ ପରମ୍ପରାର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହେବ । ଏଥିରେ ମହିଳା ନେତୃତ୍ୱାଧୀନ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପଟ୍ଟଚିତ୍ର ଏବଂ ତାଳପତ୍ର ଖୋଦେଇ କଳାର ସିଧାସଳଖ ପ୍ରଦର୍ଶନ କରାଯିବ । ଓଡ଼ିଶା ପର୍ଯ୍ୟଟନ ପାଭିଲିୟନରେ ରାଜ୍ୟର ବିବିଧ ପର୍ଯ୍ୟଟନ ଆକର୍ଷଣ ଯଥା, ଐତିହ୍ୟ ସ୍ଥଳୀ, ଆଧ୍ୟାତ୍ମିକ କ୍ଷେତ୍ର, ମନୋରମ ବେଳାଭୂମି, ବନ୍ୟପ୍ରାଣୀ, ଦୁଃସାହସିକ ପର୍ଯ୍ୟଟନ ଏବଂ ଇକୋ-ଟୁରିଜିମ୍ ଅନୁଭୂତିକୁ ଉପସ୍ଥାପନ କରାଯିବ ।

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

ଆମ ନୌ ବାଣିଜ୍ୟ ପରମ୍ପରା ମହାନ : ବାଚସ୍ପତି



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଦୟାନଦୀ ପଠାଠାରେ ପବିତ୍ର ବୋଇତ ବନ୍ଦାଣ ଉତ୍ସବ ସଂଗଠନ ଅଧ୍ୟକ୍ଷ, ସମାଜସେବୀ ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଏକାମ୍ର ବିଧାୟକ ବାବୁ ସିଂ, ପ୍ରାକ୍ତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ଭୁବନେଶ୍ୱର ମହାନଗରପାଳ ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ରହିବା ସହ ଓଡ଼ିଆର ମହାନ ପରମ୍ପରା, ସଂସ୍କୃତି, ଐତିହ୍ୟ, ନୌବାଣିଜ୍ୟ ଓ ବୀରତ୍ୱ ସାରା ବିଶ୍ୱରେ ଶ୍ରେଷ୍ଠ ଓ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଭୋର ସମୟରେ କଦଳୀ ପଟୁଆରେ ପ୍ରସ୍ତୁତ ଡ଼ଙ୍ଗା ମାଧ୍ୟମରେ ଡ଼ଙ୍ଗାଭ

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୫ ନଭେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ମହଣ ମହଣ ସୁନାରେ ଅଳଙ୍କୃତ ହେଲେ ଶ୍ରୀବିଗ୍ରହ



ପୁରୀ, ୨୪/୧୧ ନ୍ୟୁଜ ବ୍ୟୁରୋ

ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମହାପ୍ରଭୁଙ୍କ ସୁନାବେଶ ନୀତି ସମ୍ପନ୍ନ । ରତ୍ନସିଂହାସନରୁ ମହାପ୍ରଭୁଙ୍କୁ ରାଜାଧିରାଜ ତଥା ସୁନାବେଶରେ ଦର୍ଶନ କରିଲେ ହଜାର ହଜାର ଭକ୍ତ । ଏହି ବେଶରେ ଶ୍ରୀବିଗ୍ରହଙ୍କୁ ବହୁମୂଲ୍ୟ ଅଳଙ୍କାର ସବୁ ଲାଗି କରାଯାଇଛି । ବଡ଼ଠାକୁର ଶ୍ରୀବଳଭଦ୍ର ହଳ ମୂଷଳ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଶଙ୍ଖ ଓ ଚକ୍ର ଆୟୁଧ ଧାରଣ କରିଥିଲେ । ଦେବୀ ସୁଭଦ୍ରାଙ୍କୁ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ସହ ୨ଟି ଆୟୁଧ ତଥା ତଡ଼ଗୀ ଲାଗି କରାଯାଇଥିଲା । ଏପଟେ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମହୋଦଧି ତଥା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ବୋଇତ ଭସାଇଥିଲେ ହବିଷ୍ୟାଳିମାନେ । ଅନ୍ଧାରୁଆରୁ ସ୍ନାନ ପାଇଁ ତୀର୍ଥ ପୁଷ୍କରିଣୀରେ ସୁରକ୍ଷା ଓ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା । ବୋଇତ ଭସାଇବା ପରେ ସୁନା ବେଶ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ଦର୍ଶନାର୍ଥୀ ।







କଟକ : ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କରିବା ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ଥାନୀୟ ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଠାରେ ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

ସରିଲା ମହାଧାର୍ମିକ ମାସ କାର୍ତ୍ତିକ : ହବିଷ୍ୟାଳୀଙ୍କ ଘର ବାହୁଡ଼ା ଆରମ୍ଭ

ପୁରୀ, ୨୪/୧୧ ନ୍ୟୁଜ ବ୍ୟୁରୋ

କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ, ବାଲୁକା ପୂଜା କରି କାର୍ତ୍ତିକ ବ୍ରତ ଉଦ୍‌ଯାପନ କରିଛନ୍ତି ହବିଷ୍ୟ ବ୍ରତଧାରିଣୀ। ସରିଲା ମହାଧାର୍ମିକ ମାସ କାର୍ତ୍ତିକ। ଏବେ ଘର ବାହୁଡ଼ାର ସମୟ ଆସିଯାଇଛି। ଏକମାସ ଧରି ଗୋଟିଏ ପରିବାର ହୋଇ ବିଭିନ୍ନ ହବିଷ୍ୟାଳୀ ଶିବିର, ମଠବାଡ଼ି, ଲଜ୍‌ରେ ଏକାଠି ରହି ହବିଷ୍ୟାଳୀମାନେ ବ୍ରତ ପାଳନ କରୁଥିଲେ। ମଙ୍ଗଳବାର ଘରକୁ ବାହୁଡ଼ି ଯିବାର ବେଳ ଆସିଥିଲେ ମଧ୍ୟ କାଳିଆକୁ ଛାଡ଼ି ଯିବାକୁ କାହାରି ଇଚ୍ଛା ହେଉନାହିଁ। ମଙ୍ଗଳବାର ଭୋରରୁ ମହୋଦଧି କୂଳରେ ଶେଷ ଥର ପାଇଁ ଲାଗିଥିଲା ହବିଷ୍ୟାଳୀଙ୍କ ଭିଡ଼। ହାତରେ ଥିଲା କଦଳୀ ପତୁକା ଡଙ୍ଗା। ଆଉ ସେଥିରେ ଥିଲା ଫୁଲ, ଦୀପ, ପଇସା। କାର୍ତ୍ତିକ ପୂର୍ଣ୍ଣିମାର ପୁଣ୍ୟ ପ୍ରଭାତରେ ସମୁଦ୍ରରେ ବୁଡ଼ ପକାଇ ଡଙ୍ଗା ଭସାଇଥିଲେ ହବିଷ୍ୟାଳୀ। ଆ କା ମା ବୈ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ମହୋଦଧି କୂଳ। ମାସେ ଧରି ଭୋର୍ ରୁ ଉଠି, ସ୍ନାନ କରି, ତୁଳସୀ ଚଉରା ମୂଳେ ଦୀପ ଜାଳି, କାଳିଆର ନାଁ ଜପି ଯେଉଁ ଜୀବନ ଆରମ୍ଭ ହେଉଥିଲା, ମଙ୍ଗଳବାର ତାହାର ଶେଷ ହୋଇଛି। ଡଙ୍ଗା



ଭସାଇ ସାରିବା ପରେ ଅନେକଙ୍କ ଆଖିରେ ଲୁହ ଥିଲା। କାର୍ତ୍ତିକ ମାସ ସାରା ଯେଉଁ ବାଲୁକା ପୂଜା କରି ଆସୁଥିଲେ, ମଙ୍ଗଳବାର ତାହାର ଉଦ୍‌ଯାପନ ହେଲା। ବୃନ୍ଦାବତୀ ନିବାସରେ ଦୀର୍ଘ ଏକମାସ ଧରି ବ୍ରତ ପାଳନ କରୁଥିବା ହବିଷ୍ୟାଳୀ ଶ୍ରୀକ୍ଷେତ୍ରରୁ ବିଦାୟ ନେବା ବେଳେ ପରସ୍ପରକୁ କୁଣ୍ଢାଇ ପକାଇଥିଲେ। କାରଣ ଏହା ତାଙ୍କ ପାଇଁ ଗୋଟିଏ ମାସର ସ୍ମୃତିକୁ ବିଦାୟ ଦେବାର ବେଳ ଥିଲା। ବଡ଼ି ଭୋରରୁ ଉଠି ତୀର୍ଥ ପୁଷ୍କରିଣୀରେ ସ୍ନାନ, ଶ୍ରୀମନ୍ଦିର ଦର୍ଶନ, ଭାଗବତ ପାଠ, ନାମ ସଂକୀର୍ତ୍ତନ, ଏକାଠି ରୋଷେଇ, ଏକାଠି ଖାଇବା, ଏହା ଥିଲା ସେମାନଙ୍କ ନିତ୍ୟ କର୍ମ। ଘରେ ଯିଏ ଏକା ରହୁଥିଲେ, ଏଠି ତାଙ୍କର ଶହ ଶହ ଭଉଣୀ ମିଳି ଯାଇଥିଲେ। କାହାର ଦେହ ଖରାପ ହେଲେ ସମସ୍ତେ ଦୌଡ଼ି ଆସୁଥିଲେ। କାହାର ମନ ଖରାପ ହେଲେ କାଳିଆ ନାଁ ଗାଇ ବୁଝାଉଥିଲେ। ହବିଷ୍ୟାଳୀ ଶିବିରର ସେହି ଚଟାଣ, ସେହି ତୁଳସୀ ଚଉରା, ଏକାଠି ବସି ଭଜନ ଗାଇବା ଏ ସବୁ ତାଙ୍କ ପାଇଁ ସ୍ମୃତି ହୋଇ ରହିଯିବ ବୋଲି କହିଛନ୍ତି ହବିଷ୍ୟାଳୀ। କାର୍ତ୍ତିକ ମାସର ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମାରେ ହବିଷ୍ୟାଳୀ ମାନେ ଶ୍ରୀମନ୍ଦିର ଯାଇ କାଳିଆକୁ ଶେଷ ଥର ପାଇଁ ଦର୍ଶନ କରିଛନ୍ତି। ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରି ନିଜକୁ ଧନ୍ୟମନେ କରିଛନ୍ତି।

ଧରିତ୍ରୀ'ର ୫୩ତମ ପ୍ରତିଷ୍ଠା ଦିବସ ଓ ୟୁଥ୍ କନ୍‌କ୍ଲେଭ୍

ନିଜକୁ ସୁରକ୍ଷିତ ରଖିବାକୁ ପ୍ରକୃତିର ସଙ୍କେତ ବୁଝିବାକୁ ହେବ

- ନନ୍ଦ କିଶୋର ଭୁଜବଳଙ୍କୁ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ଆୱାର୍ଡ
- ୩ ଅନୁଷ୍ଠାନ ଓ ବ୍ୟକ୍ତିତ୍ୱଙ୍କୁ 'କ୍ଲାଇମେଟ୍ ଗ୍ରାଣ୍ଟ୍' ଆୱାର୍ଡ



ଭୁବନେଶ୍ୱର, ୨୪।୧୧ ନ୍ୟୁଜ ବ୍ୟୁରୋ

'ଧରିତ୍ରୀ'ର ୫୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଦୁଇଦିନ ଧରି ଚାଲିଥିବା ୟୁଥ୍ କନ୍‌କ୍ଲେଭ୍‌ର ୬ଷ୍ଠ ସଂସ୍କରଣ 'କ୍ଲାଇମେଟ୍ ଚେଞ୍ଜ: ଆଡ୍‌ପ୍ଟେସନ ଆଣ୍ଡ ସର୍ଭାଇଭାଲ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଟିଆଇ)ର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିବେକ ମେନନ ଯୋଗଦେଇ ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପରିବେଶ ସଂରକ୍ଷଣ ସମ୍ପର୍କିତ ପ୍ରଥମ ପ୍ୟାନେଲ ଆଲୋଚନା ହୋଇଥିଲା। 'ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ: ବନ୍ୟପ୍ରାଣୀଙ୍କ ଉପରେ ପ୍ରଭାବ' ଶୀର୍ଷକ ଏହି ଆଲୋଚନାରେ ବିବେକ ମେନନ, ଏଫ୍‌ଏଓଇପିର ସଂରକ୍ଷଣ ଜୀବବିଜ୍ଞାନୀ ଡ. ବରଖା ସୁବ୍ୟା, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଅଂଶଗ୍ରହଣ କରିଥିଲେ। ଶ୍ରୀ ମେନନ୍ କହିଲେ, ବିପର୍ଯ୍ୟୟର ପୂର୍ବାନୁମାନ ପାଇଁ ପଶୁପକ୍ଷୀ, ଉଦ୍ଭିଦ ଓ ଅନ୍ୟାନ୍ୟ ଜୀବଜଗତକୁ କିପରି ବ୍ୟବହାର କରାଯାଇପାରିବ ସେ ଦିଗରେ ଆମକୁ ଧ୍ୟାନ ଦେବାକୁ ହେବ। ପ୍ରାକ୍ ସତର୍କ ସୂଚନା କ୍ଷେତ୍ରରେ ମଧ୍ୟ ପ୍ରକୃତିର ଗୁରୁତ୍ୱ ରହିଛି। କେବଳ ପ୍ରକୃତିର ସୁରକ୍ଷା ପାଇଁ ନୁହେଁ, ନିଜକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ସମସ୍ତଙ୍କୁ ପ୍ରକୃତିର ସଙ୍କେତ ବୁଝିବାକୁ ହେବ ବୋଲି ସେ କହିଥିଲେ। ଶ୍ରୀ ସୁବ୍ୟା କହିଲେ, ସମଗ୍ର ବିଶ୍ୱରେ ବିରଳ ପ୍ରାଣୀ 'ହିମାଳୟ ସାଲାମାଣ୍ଡର' କେବଳ ଭାରତର ଦାର୍ଜିଲିଂ ଏବଂ ନେପାଳର ପୂର୍ବାଞ୍ଚଳ ଇଲାମ୍‌ର ଏକ ଛୋଟ ଅଞ୍ଚଳରେ ଦେଖିବାକୁ ମିଳନ୍ତି। ବିଶ୍ୱରେ ଏହି ପ୍ରଜାତିର ଏତିକି ମାତ୍ର ଆବାସସ୍ଥଳ ରହିଛି। ପୂର୍ବରୁ ହିଁ ଏମାନଙ୍କ ସଂଖ୍ୟା ବହୁତ କମ୍ ଥିବାବେଳେ ଜଳବାୟୁ ପରିବର୍ତ୍ତନ ଫଳରେ ସାଲାମାଣ୍ଡର ଏହି ପ୍ରଜାତି ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରୀମତୀ ଆଦ୍ୟାଶା କହିଛନ୍ତି, 'ଧରିତ୍ରୀ' ସର୍ବଦା ପରିବେଶଧର୍ମୀ ସାମ୍ବାଦିକତାକୁ ପ୍ରାଥମିକତା ଦେଇଆସିଛି। ନିକଟ ଅତୀତରେ ଉପକୂଳ କ୍ଷୟ, ଜୈବବିବିଧତାର ସଙ୍କଟ ଭଳି ଅନେକ ସମସ୍ୟା ସାମ୍ନାକୁ ଆସିଛି। ସେହିପରି ଖଣି ଖନନ, ବିସ୍ଥାପନ ଓ ଆଦିବାସୀଙ୍କ ସମସ୍ୟା ଭଳି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେସନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ)ର ପ୍ରତିଷ୍ଠାତା ଅରୁଣ କ୍ରିଷ୍ଣମୂର୍ତ୍ତି ଆଲୋଚନାକୁ ସଂଯୋଜନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣରେ କହିଥିଲେ, ଓଡ଼ିଶା ହେଉଛି ପ୍ରଚୁର କୋଇଲା ଭଣ୍ଡାର ଥିବା ଏକ ରାଜ୍ୟ। ଏଠାରେ ଅନେକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ରହିଛି। ଢେଙ୍କାନାଳ ଓ ଅନୁଗୋଳରେ ଅନେକ ବିଦ୍ୟୁତ୍ କେନ୍ଦ୍ର ରହିଥିଲେ ମଧ୍ୟ ଏଠାରେ ଉତ୍ପାଦିତ ବିଦ୍ୟୁତ୍‌ର ମାତ୍ର ୧୮% ୨୦% ଓଡ଼ିଶାକୁ ମିଳୁଛି। ସମସ୍ତେ ବିକାଶ ଚାହୁଁଛନ୍ତି, କିନ୍ତୁ ପ୍ରଶ୍ନ ହେଉଛି ଏହି ବିକାଶ କାହା ପାଇଁ ଏବଂ କାହିଁକି ? ଯଦି ବିକାଶ ମଣିଷ ପାଇଁ, ତେବେ ସମଗ୍ର ପୃଥିବୀକୁ ଆମେ ବାସ ଅନୁପଯୋଗୀ କରିଦେଲେ ମଣିଷ ବଞ୍ଚିବ କେମିତି ବୋଲି ପ୍ରଶ୍ନ କରିଛନ୍ତି।

ସେହିପରି ଦ୍ୱିତୀୟ ପ୍ୟାନେଲରେ 'ଆର୍ଦ୍ରଭୂମି ଓ ଚିଲିକା' ଶୀର୍ଷକ ଆଲୋଚନାରେ ଡବ୍ଲ୍ୟୁଟିଆଇ ଏବଂ ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଇଣ୍ଡିଆର ପରାମର୍ଶଦାତା ପ୍ରଫେସର ବି.ସି. ଚୌଧୁରୀ, ସାମୁଦ୍ରିକ ସଂରକ୍ଷଣ ବୈଜ୍ଞାନିକ ଡ. ଆରୋନ ସାଭିଓ ଲୋବୋ, ଓୟୁଏଟି କୃଷି ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଶୁଭାଙ୍ଗୀ ରଥ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଫାଉଣ୍ଡେସନର ପ୍ରତିଷ୍ଠାତା ଟ୍ରଷ୍ଟି ପ୍ରଫେସର କାର୍ତ୍ତିକ ଶଙ୍କର ଏହାର ସଂଯୋଜନା କରିଥିଲେ। ଏହି ଅବସରରେ ପରିବେଶ ସଂରକ୍ଷଣବିତ୍ ନନ୍ଦ କିଶୋର ଭୁଜବଳଙ୍କୁ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ଆୱାର୍ଡ ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ତାଙ୍କୁ ଉପଢୌକନ, ଅଙ୍ଗବସ୍ତ୍ର ସହିତ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି କ୍ଷେତ୍ରରେ ଗଞ୍ଜାମର ଇକୋ ଥ୍ୱାରିଅର ଫାଉଣ୍ଡେସନ ଏବଂ ବ୍ୟକ୍ତିଗତସ୍ତରରେ ସ୍ନେହାଶ୍ରୀ ସୋରେନ, ରିତିଶ୍ କୁମାର ନାୟକଙ୍କୁ 'କ୍ଲାଇମେଟ୍ ଗ୍ରାଣ୍ଟ୍' ପ୍ରଦାନ କରାଯାଇଛି। ପ୍ରତ୍ୟେକଙ୍କୁ ଉପଢୌକନ, ଅଙ୍ଗବସ୍ତ୍ର ଏବଂ ୧ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁଲଗ୍ନା ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।

କୌଳିକ ବୃତ୍ତି ଓ ଅଧିକାର ଦାବିରେ ଧାରଣାରେ ବସିଲେ ନବଗ୍ରହ ମନ୍ଦିର ସେବାୟତ

ନିମାପଡା, ୨୪/୧୧ ନ୍ୟୁଜ ବ୍ୟୁରୋ

କୌଳିକ ବୃତ୍ତି ଓ ପାରମ୍ପରିକ ଅଧିକାରର ସୁରକ୍ଷା ଦାବିରେ ମଙ୍ଗଳବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି କୋଣାର୍କ ନବଗ୍ରହ ମନ୍ଦିରର ସେବାୟତ। ଦୀର୍ଘଦିନର ଦାବି ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ମଙ୍ଗଳବାର ଭୋର ୪ଟା ୩୦ରୁ ମନ୍ଦିର ସମ୍ମୁଖରେ ସେବାୟତମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନକୁ କୋଣାର୍କ ବ୍ୟବସାୟୀ ସଂଘ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଛି । ଦୀର୍ଘଦିନ ଧରି କୋଣାର୍କ ସୂର୍ଯ୍ୟମନ୍ଦିରର ପ୍ରସ୍ଥାନ ଗେଟ୍ ବନ୍ଦ ରହିଛି। ଫଳରେ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ନବଗ୍ରହ ପୀଠକୁ ଯାଇପାରୁ ନାହାନ୍ତି। ଏହାର ସିଧାସଳଖ ପ୍ରଭାବ ସେବାୟତଙ୍କ ପାରମ୍ପରିକ ଜୀବିକା ଓ ଦୈନନ୍ଦିନ ନୀତିକାନ୍ତି ଉପରେ ପଡୁଛି। ପର୍ଯ୍ୟଟକଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ଯୋଗୁଁ ମନ୍ଦିର ସହ ଜଡ଼ିତ ସେବାୟତ ଓ ସ୍ଥାନୀୟ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ଏଏସଆଇ ଏବଂ ପୁରୀ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରଶାସନର ଏଭଳି ଉଦାସୀନତା ପ୍ରତିବାଦରେ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଆନ୍ଦୋଳନ ଦେଖିବାକୁ ମିଳିଛି। ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି ଏବଂ କେବେ ଏହି ଅଚଳାବସ୍ଥା ଦୂର ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।



ମହାନଦୀ ପଠାରେ ଐତିହ୍ୟ ଓ ପରମ୍ପରାର ନିଆରା ଝଲକ

ସାଧବ ପୁଅ-ବୋହୂ ବେଶରେ ଜମିଲା ବୋଇତ ବନ୍ଦାଣ ଉତ୍ସବ

କଟକ, ୨୪/୧୧ ନ୍ୟୁଜ ବ୍ୟୁରୋ

ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଗୌରବମୟ ନୌବାଣିଜ୍ୟ ଇତିହାସକୁ ମନେ ପକାଇ ମହାନଦୀ ପଠାରେ ଆୟୋଜିତ ହୋଇଥିଲା ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ। ତୈଳିକ ବୈଶ୍ୟ ସମାଜ ଏବଂ କଟକ ଜିଲ୍ଲା ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବୋଇତ ବନ୍ଦାଣ ସହ ସାଧବ ପୁଅ ଓ ସାଧବ ବୋହୂଙ୍କ ପାରମ୍ପରିକ ବେଶଭୂଷା ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହି ଅବସରରେ ବହୁ ଦମ୍ଭଉି ପାରମ୍ପରିକ ସାଧବ ପୁଅ ଓ ସାଧବ ବୋହୂ ବେଶରେ ସଜ୍ଜିତ ହୋଇ ସୁସଜ୍ଜିତ ବୋଇତ ନିକଟରେ ପୂଜାର୍ଚ୍ଚନା କରିଥିଲେ। ମହିଳାମାନେ ପାରମ୍ପରିକ ପାଟଶାଢ଼ୀ ଓ ସୁନ୍ଦର ଅଳଙ୍କାର ପରିଧାନ କରି ହାତରେ ପୂଜା ଥାଳି, ଦୀପ ଓ ଫୁଲ ଧରି ହୁଳହୁଳି ଦେଇ ବୋଇତ ବନ୍ଦାଣ କରିଥିଲେ। ଅନ୍ୟପକ୍ଷରେ ପୁରୁଷମାନେ ଧୋତି, ପଞ୍ଜାବୀ ଓ ପଗଡ଼ି ପରିଧାନ କରି ସାଧବ ପୁଅଙ୍କ ପାରମ୍ପରିକ ବେଶରେ ଉତ୍ସବରେ ସାମିଲ ହୋଇଥିଲେ। ଓଡ଼ିଶାର ଗୌରବମୟ ଅତୀତରେ ସାଧବ ପୁଅମାନେ ବୋଇତରେ ସମୁଦ୍ର ପଥ ଦେଇ ଜାଭା, ସୁମାତ୍ରା ଓ ବାଲି ଭଳି ଦକ୍ଷିଣ-ପୂର୍ବ ଏସିଆର



ଦ୍ୱୀପପୁଞ୍ଜକୁ ବାଣିଜ୍ୟ କରିବାକୁ ଯାତ୍ରା କରୁଥିଲେ। ଯାତ୍ରା ପୂର୍ବରୁ ସାଧବ ବୋହୂମାନେ ପୂଜାର୍ଚ୍ଚନା କରି ସେମାନଙ୍କୁ ଶୁଭ ମନାସି ବିଦାୟ ଦେଉଥିବା ପରମ୍ପରାର ଏକ ଜୀବନ୍ତ ଚିତ୍ର ଏହି ଉତ୍ସବରେ ପ୍ରତିଫଳିତ ହୋଇଥିଲା।କେବଳ ଏକ ସାଂସ୍କୃତିକ ଆୟୋଜନ ନୁହେଁ, ବରଂ ଓଡ଼ିଆ ଜାତିର ଅସ୍ମିତା, ନୌବାଣିଜ୍ୟ ପରମ୍ପରା ଓ ଐତିହାସିକ ଗୌରବକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବାର ଏକ ପ୍ରୟାସ ଥିଲା ଏହି କାର୍ଯ୍ୟକ୍ରମ। ଆଧୁନିକତାର ପ୍ରଭାବ ମଧ୍ୟରେ ନିଜର ମୂଳ ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରଖିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଶାର ସମୃଦ୍ଧ ଇତିହାସ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଉତ୍କଳୀୟ ଦୀପିକା

ଭିତର ପୃଷ୍ଠାରେ...
- ସ୍ୱତନ୍ତ୍ରରେ ଜନତାଜାର ପଠେ ଚିତାମନ୍ତ୍ର ପୁ' : ୧୦୪ ବିଦ୍ୟାଳୟରକୁ ଯାଇଜି ପେପର
- ଅର୍ଜୁନ, ମୁକାମୁ ପ୍ରଥମ ଅନୁଲାମ୍ : ଫସଲ ଜଳାଡ଼ି ମାଡାଙ୍କ ଅଳା ଜାଗିପେରେ ବନ୍ଦ
- ଅଧୁରୁଣିତ, ଅବହେଳିତ ଓ ଅଣସଂରକ୍ଷିତ ଆମ ଐତିହ୍ୟ
- ଏଜୁଟିଭ ମେଘାଲି କାଡ଼ି ବର୍ତ୍ତିଲା : ବଳାଇରୁ ଦେଶୀ ଫୁଲ ଉତ୍ପାଦ
- ବଳା ବାପର ସୌରଧାରା ପ୍ରଥରେ ଲୁଚିଛି ବହୁ ବିତତ

ପଶୁଙ୍କ ପାଇଁ ହସ୍ପିଟାଲ ଅଛି, ହେଲେ ନାହାନ୍ତି ଡାକ୍ତର

ରାଜ୍ୟରେ ୫୩୫ ଡାକ୍ତର ଓ ୭୦୦ଟୁ ଅଧିକ ଏମ୍ବୁଲାନ୍ସ ପଡ଼ ଖାଲି

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ଓଡ଼ିଶାର ସେମିକଣ୍ଡକ୍ଟର ଓ ଚିପ୍ ଡିଜାଇନ୍ କ୍ଷେତ୍ରକୁ ନୂଆ ଗତି ଦେବ ଏଆରଏଫ ଡିଜାଇନ୍ ସେଣ୍ଟର

ଭୁବନେଶ୍ୱର,୨୪/୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶାକୁ ଦେଶର ଏକ ପ୍ରମୁଖ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ହବରେ ପରିଣତ କରିବା ଦିଗରେ ଆଉ ଏକ ମାଇଲଖୁଣ୍ଟ ଯୋଡ଼ି ହୋଇଛି। ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରିସରରେ ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍